# ମା' ବାୟଣୀଙ୍କ ବାର୍ଷିକ ପୂଜା ଓ ଯାତ୍ରା ସମ୍ପନ୍ନ



ଛେଣ୍ଡିପଦା,୨୧ ।୩(ସମିସ): ଛେଣ୍ଡିପଦା ବ୍ଲକ ପାତ୍ରପଡ଼ା ଦେବୀନଗର ପାହାଡ଼ ପାଦଦେଶରେ ପୂଜା ପାଉଥିବା ମା' ବାୟାଣୀଙ୍କ ବାର୍ଷିକ ପୂଜା ଓ ଯାତ୍ରା ସମ୍ପନ୍ନ ହୋଇଛି । ଲକ୍ଷାଧିକ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି । ଏହି ଯାତ୍ରା ପ୍ରତ୍ୟେକ ବର୍ଷ ଚୈତ୍ର ମାସର ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହୋଇଥାଏ । ଯାତ୍ରାରେ ବହୁ ଦୂରଦୂରାନ୍ତରୁ ଭକ୍ତଙ୍କ ସମେତ ବହୁ ଛୋଟବଡ଼ ବ୍ୟବସାୟୀ ନିଜ ପସରା ମେଲାଇଥିଲେ । ଶୁକ୍ରବାର ଭୋରରୁ ପୂଜକ ମା'ଙ୍କୁ ସୁସଜ୍ଜିତ କରିବା ପରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ଏହି ଅବସରରେ ପ୍ରାୟ ୮ ଶହରୁ ଉର୍ଦ୍ଧ୍ୱ ମାନସିକଧାରୀ ମୁଣ୍ଡନ ହୋଇଥିଲେ । ଶତାଧିକ ମାନସିକଧାରୀ ମା'ଙ୍କ ନିକଟରେ ଅଧିଆ ପଡ଼ିଥିଲେ । ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ଅତିରିକ୍ତ ଏସପି, ଏସଡିପିଓ, ୫ଜଣ ଇନ୍ସପେକ୍ଟର, ୧୬ ଜଣ ଅଫିସରଙ୍କ ସମେତ ୪ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିଲେ । ପ୍ରକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ଭକ୍ତିମୟ ପରିବେଶରେ ମା'ଙ୍କ ପୀଠ କମ୍ପିଉଠିଥିଲା ।

# ଜମିହରା ପ୍ରଜାଙ୍କୁ ଥଇଥାନ ନେଇ ଗୃହରେ ପ୍ରଶ୍ନ କଲେ ବିଧାୟକ



କଣିହାଁ,୨୧ ।୩(ସମିସ): ବିଧାନସଭା ଅଧିବେଶନ ଅବସରରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ କଣିହାଁ ଏନଟିପିସି ପ୍ରକଳ୍ପରେ ଜମିହରା ପ୍ରଜାମାନଙ୍କ ଥଇଥାନ ଓ ନିଯୁକ୍ତି ସମସ୍ୟା ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ପ୍ରଶ୍ନ କରିଛନ୍ତି । ଏନଟିପିସି ଦ୍ୱାରା ଜମି ହରାଇଥିବା ପ୍ରଜାମାନଙ୍କୁ ଏପର୍ଯ୍ୟନ୍ତ ନିଯୁକ୍ତି ଓ ଥଇଥାନ କରାଯାଇଛି କି ନାହିଁ ଏବଂ ଯଦି କରାଯାଇନାହିଁ, ତେବେ କେବେ ସୁଦ୍ଧା କରାଯିବ ବୋଲି ବିଧାୟକ ପ୍ରଶ୍ନ କରିଥିଲେ । ଏଥିସହ କେଉଁ କେଉଁ ଗ୍ରାମର କେତେ ଜଣ ଜମି ହରାଇଛନ୍ତି ଓ କେତେ ଜଣ ଏପର୍ଯ୍ୟନ୍ତ ଥଇଥାନ ହୋଇନାହାନ୍ତି, ତାହାର ତାଲିକା ଦେବାକୁ ମଧ୍ୟ ଦାବି କରିଥିଲେ । ଏହାର ଉତ୍ତରରେ ମନ୍ତ୍ରୀ ପୂଜାରୀ କହିଥିଲେ ଯେ ଅନୁଗୋଳ ଜିଲ୍ଲାରେ ଏନଟିପିସି କଣିହାଁ ପ୍ରକଳ୍ପ ଦ୍ୱାରା ଜମିହରା ପ୍ରଜାମାନଙ୍କୁ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ନିଯୁକ୍ତି ଓ ଥଇଥାନ ଦିଆଯାଇ ନ ଥିବା ବିଷୟରେ ସରକାର ଅବଗତ ଅଛନ୍ତି । ପ୍ରକଳ୍ପର ୧୯୭୨ ଜଣ ପ୍ରକୃତ ପ୍ରଭାବିତ ବ୍ୟକ୍ତିଙ୍କ ମଧ୍ୟରୁ ବକେୟା ଥିବା ୪୧ ଜଣ ଯୋଗ୍ୟ ଜମିହରା ପ୍ରଜାଙ୍କୁ ଏପର୍ଯ୍ୟନ୍ତ ବିଭିନ୍ନ କାରଣରୁ ନିଯୁକ୍ତି ଓ ଥଇଥାନ ଦିଆଯାଇ ପାରିନାହିଁ । ଏହାର ପ୍ରମୁଖ କାରଣ ହେଲା ନକଲି ଶିକ୍ଷାଗତ ପ୍ରମାଣପତ୍ର ଦାଖଲ, ନୋମିନି ପରିବର୍ତ୍ତନ ସମସ୍ୟା ଓ ମୂଳ ପସନ୍ଦ ପରିବର୍ତ୍ତନ । ଏହି ସମସ୍ୟାଗୁଡ଼ିକ ସମାଧାନ ହେବା ପରେ ସେମାନଙ୍କୁ ଶୀଘ୍ର ଆଇନ ଅନୁଯାୟୀ ଥଇଥାନ ଓ ଚାକିରି ବ୍ୟବସ୍ଥା କରାଯିବ । ଏନଟିପିସି ଦ୍ୱାରା କେଉଁ ଗ୍ରାମର କେତେ ଜଣ ଜମି ହରାଇଛନ୍ତି, ସେଥିପାଇଁ ତାଲିକା ପ୍ରଦାନ କରାଯାଇଛି ଓ ବକେୟା ଥିବା ପ୍ରଭାବିତ ବ୍ୟକ୍ତିମାନଙ୍କ ତାଲିକା ମଧ୍ୟ ଦିଆଯାଇଛି । ଏହାସହ ସୁନ୍ଦରଗଡ଼ ଜିଲ୍ଲାର ତଥ୍ୟ ଅନୁଯାୟୀ, ଦୁଲିଙ୍ଗା ଖଣି ପ୍ରକଳ୍ପ ପାଇଁ ୪ ଗ୍ରାମର ୭୩୪ ଜଣ ଓ ଦର୍ଲିପାଲି ପ୍ରକଳ୍ପ ପାଇଁ ଗୋଟିଏ ଗ୍ରାମର ୨୭୯ ଜଣ ଜମିହରା ପ୍ରଜାଙ୍କୁ ଚାକିରି ଓ ଥଇଥାନ ବ୍ୟବସ୍ଥା କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଥିଲେ ।

# ବିଏମଏସ ପକ୍ଷରୁ ପଖାଳ ଦିବସ ପାଳିତ




କଣିହାଁ,୨୧ ।୩(ସମିସ): ଅନୁଗୋଳ ଜିଲ୍ଲା କଣିହାଁସ୍ଥିତ ଏନଟିପିସି ବିଦ୍ୟୁତ ପ୍ରକଳ୍ପ ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ସହବନ୍ଧିତ ବିଦ୍ୟୁତ କର୍ମଚାରୀ ସଂଘ ପକ୍ଷରୁ କାର୍ଯ୍ୟାଳୟରେ ବିଶ୍ୱ ପଖାଳ ଦିବସ ଶୁକ୍ରବାର ପାଳିତ ହୋଇଛି । ଏଥିରେ ଏନଟିପିସି କଣିହାଁ ପ୍ରକଳ୍ପ ମୁଖ୍ୟ କେଏନ ରେଡ୍ଡୀ, ଏଜିଏମ (ଏଚଆର) ପଙ୍କଜ ଚୌଧୁରୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଅତିଥି ଭାବେ ଯୋଗଦେଇଥିଲେ । ସଂଘ ସଭାପତି ବୀରେନ୍ଦ୍ର କୁମାର କାନୁନଗୋ, ସମ୍ପାଦକ ଶୁଭେନ୍ଦୁ କୁମାର ସାହୁ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ସମସ୍ତେ ଏକାଠି ବସି ପଖାଳ ସହିତ ବିଭିନ୍ନ ବ୍ୟଞ୍ଜନ ଖାଇଥିଲେ ।

# 'ଶିକ୍ଷା କାର୍ଯ୍ୟକ୍ରମରେ ଆମୂଳ ପରିବର୍ତ୍ତନ' ଶୀର୍ଷକ ସେମିନାର



ଅନୁଗୋଳ,୨୧ ।୩(ସମିସ): ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ପକ୍ଷରୁ ଶିକ୍ଷା କାର୍ଯ୍ୟକ୍ରମରେ ଆମୂଳ ପରିବର୍ତ୍ତନ ନେଇ ଏକ ଜାତୀୟ ସେମିନାର ଆୟୋଜିତ ହୋଇଛି । କଲେଜ ଶିକ୍ଷା ବିଭାଗ ମୁଖ୍ୟ ରାଜଶ୍ରୀ ଦାସ, ସହଯୋଗୀ ମୋନାଲିସା ପଣ୍ଡା ଏବଂ ତିରିଶରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ଏହି ସେମିନାର ଆୟୋଜିତ ହୋଇଥିଲା । ଶିକ୍ଷଣ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ତଥା ପ୍ରଶିକ୍ଷଣ ଗ୍ରହଣ ଜନିତ ଦକ୍ଷତା ବୃଦ୍ଧି ଉପରେ ବକ୍ତାମାନେ ଆଲୋଚନା କରିଥିଲେ । ଅନୁଗୋଳ କଲେଜ ଅଧ୍ୟକ୍ଷ ଡ. ବସନ୍ତ କୁମାର ସାହୁ ଏବଂ ପିଜି ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ ।

# ସାତକୋଶିଆରେ ବନ ବିଭାଗର ଦାଦାଗିରି

ଜଗନ୍ନାଥପୁର,୨୧ ।୩(ସମିସ):

ଅନୁଗୋଳ ଜିଲ୍ଲା ସାତକୋଶିଆ ଅଭୟାରଣ୍ୟ ଅନ୍ତର୍ଭୁକ୍ତ ଟିକରପଡ଼ା ପଞ୍ଚାୟତର ଟିକରପଡ଼ା ଛକରୁ ପଞ୍ଚାୟତ କାର୍ଯ୍ୟାଳୟ ଦେଇ ଜନବସତିକୁ ସଂଯୋଗ କରୁଥିବା ରାସ୍ତା କାର୍ଯ୍ୟକୁ ବନ ବିଭାଗ ଅଧିକାରୀଙ୍କ ଦ୍ୱାରା ଜୋର୍ ଜବରଦସ୍ତ ବନ୍ଦ କରାଯାଇଥିବା ଅଭିଯୋଗ ହୋଇଛି । ଅନୁଗୋଳ ଜିଲ୍ଲାର ଟିକରପଡ଼ା ଗ୍ରାମ ବହୁ ପୁରାତନ । ବ୍ରିଟିଶ ଶାସନ ପୂର୍ବରୁ ରାଜାରଜୁଡ଼ା ଅମଳର ଗାଁ ଟିକରପଡ଼ା । ଏହା ଜିଲ୍ଲାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ । ଜିଲ୍ଲା ମଧ୍ୟ ଦେଇ ବୋହି ଯାଇଥିବା ମହାନଦୀ ଅବବାହିକାରେ ଅବସ୍ଥିତ ଏହି ଅଞ୍ଚଳ ଦେଶ ତଥା ବିଦେଶରେ ପ୍ରସିଦ୍ଧ । ଏଠାରେ ରହିଛି ଭାରତ ପ୍ରସିଦ୍ଧ କୁମ୍ଭୀର ପ୍ରଜନନ କେନ୍ଦ୍ର । ଟିକରପଡ଼ା ଛକରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଦେଇ ବନ ବିଭାଗର ସ୍ଥାନୀୟ ଅଧିକାରୀଙ୍କ କାର୍ଯ୍ୟାଳୟ, ବନ ବିଭାଗ କର୍ମଚାରୀମାନଙ୍କ ସରକାରୀ ବାସଭବନ ଓ ଉକ୍ତ ସାହିରେ ବାସ କରୁଥିବା ସ୍ଥାନୀୟ ଲୋକଙ୍କ ଘର, ଟିକରପଡ଼ା ପ୍ରାଥମିକ ବିଦ୍ୟାଳୟ, ବନ ବିଭାଗର ସରକାରୀ ବଙ୍ଗଳା ଓ କୁମ୍ଭୀର ପ୍ରଜନନ କେନ୍ଦ୍ର ଆଦିକୁ ସଂଯୋଗ କରୁଥିବା ଏକ ମାତ୍ର ରାସ୍ତାର ଅବସ୍ଥା ଏବେ ଶୋଚନୀୟ ହୋଇପଡ଼ିଛି । ଉକ୍ତ ରାସ୍ତା ରାଜସ୍ୱ ବିଭାଗ ଅଧୀନରେ ଥିଲେ ମଧ୍ୟ (ଆମ ଦେଶରେ ବନ ବିଭାଗ ଗଠନ ହେବାର ବହୁ ପୂର୍ବରୁ ସେ ରାସ୍ତା) ତାକୁ ବନ ବିଭାଗ ଜୋର୍ ଜବରଦସ୍ତ ଅକ୍ତିଆରରେ ରଖିଛି । ତେବେ ରାସ୍ତାର ରକ୍ଷଣାବେକ୍ଷଣ କେବେ କରୁ ନ ଥିବା ବନ ବିଭାଗ କିଛିଦିନ ତଳେ ଲୋକସଭାର ସ୍ଥାନୀୟ ପ୍ରତିନିଧି ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଗସ୍ତ କାଳରେ କିଛି ମାଟି

## ସରକାରଙ୍କ ଉନ୍ନତି ମୂଳକ କାର୍ଯ୍ୟରେ ସାଜିଛି ବାଧକ

ପକାଇ ଖାଲଢିପରେ ପରିପୂର୍ଣ୍ଣ ଏହି ରାସ୍ତାକୁ ରାତିଅଧିଆ ଯୁଦ୍ଧକାଳୀନ ଭିତ୍ତିରେ ସଜାଡ଼ିଥିଲା । ଏବେ ଅନୁଗୋଳ ପଞ୍ଚାୟତ ସମିତି ତରଫରୁ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହେଉଥିଲା ବେଳେ ବନ ବିଭାଗ ଅଧିକାରୀ ତଥା କର୍ମଚାରୀମାନେ ଆସି ଜୋରଜବରଦସ୍ତ ସରକାରଙ୍କ ଏହି ଉନ୍ନତିମୂଳକ କାର୍ଯ୍ୟକୁ ବନ୍ଦ କରିଥିବା ଠିକାଦାର ଅଭିଯୋଗ କରିଛନ୍ତି ।

ଠିକାଦାରଙ୍କ କହିବା ଅନୁଯାୟୀ, ଉକ୍ତ ରାସ୍ତା ରାଜସ୍ୱ ବିଭାଗର । ସ୍ଥାନୀୟ ରାଜସ୍ୱ ବିଭାଗ ଅଧିକାରୀ ମଧ୍ୟ ରାସ୍ତାର ନକ୍ସା ଆଙ୍କି ସରକାରୀ ଭାବେ ଦେଇଛନ୍ତି । କିନ୍ତୁ ବନ ବିଭାଗର ଅଜବ ଯୁକ୍ତି ଯେ ଏ ରାସ୍ତା ବନ ବିଭାଗର ।



ସାତକୋଶିଆ ଅଭୟାରଣ୍ୟର ବନଖଣ୍ଡ ଅଧିକାରୀ ଏହା ଉପରେ ଏକ ହାସ୍ୟାସ୍ପଦ ମନ୍ତବ୍ୟ ଦେଇଥିବାର ସୂଚନା ମିଳିଛି ଯେ ସ୍ଥାନୀୟ ରାଜସ୍ୱ ବିଭାଗ ଅଧିକାରୀ ଏହି ରାସ୍ତାର ଭୁଲ ନକ୍ସା ପ୍ରସ୍ତୁତ କରିଛନ୍ତି । ତେଣୁ ଏହି ରାସ୍ତା କେଉଁ ବିଭାଗର ତାହା ବଡ଼ ପ୍ରଶ୍ନବାଚୀ ଏବଂ ଦୁର୍ଭାଗ୍ୟର ବିଷୟ ଯେ ଏହି ରାସ୍ତା ଦେଇ ସ୍ଥାନୀୟ ବାସିନ୍ଦା, ଶହ ଶହ ପର୍ଯ୍ୟଟକ, ବିଭିନ୍ନ ସରକାରୀ ବିଭାଗର ଅଧିକାରୀମାନେ ଯାତାୟାତ କରୁଥିଲେ ମଧ୍ୟ କାହାରି ଦୃଷ୍ଟି ପଡୁନାହିଁ । ଆଉ ଏବେ ଏହାର ଉନ୍ନତୀକରଣ ହେଉଥିବା ବେଳେ ଖୋଦ୍ ସରକାରଙ୍କ ବନ ବିଭାଗ ଏହି ସରକାରୀ କାର୍ଯ୍ୟରେ ବାଧା ଉପୁଜାଉଛି । ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଯେ ସାତକୋଶିଆ ଅଭୟାରଣ୍ୟର ବନ ବିଭାଗ ଦୁର୍ନୀତିର ଗନ୍ତାଘର ପାଲଟିଛି । ଜଙ୍ଗଲ ଭିତରେ ରାସ୍ତାର ଉନ୍ନତୀକରଣ, ବନ୍ୟଜନ୍ତୁଙ୍କ ପାଇଁ ଉଦ୍ଦିଷ୍ଟ ପୋଖରୀ ଖୋଳା ନାମରେ ଲକ୍ଷ ଲକ୍ଷ ଟଙ୍କା ହେରଫେର ହେଉଛି । ଏହା ଉପରେ କାହାର କିଛି ଅଙ୍କୁଶ ନାହିଁ । ଯଦି ସାତକୋଶିଆ ଅଭୟାରଣ୍ୟର ବନ ବିଭାଗ ଉପରେ ବିଭିନ୍ନ ସମୟରେ ଉପଯୁକ୍ତ ତଦନ୍ତ ହୁଅନ୍ତା ତେବେ ଅନେକ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କ ପର୍ଦ୍ଦାଫାସ୍ ହୋଇପାରନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । କେତେବେଳେ ଗାଁ ଉଠାଇବାରେ ତ ଆଉ କେତେବେଳେ ମିଥ୍ୟା ମାମଲା କରି ନିରୀହ, ଗରିବ ଆଦିବାସୀଙ୍କ ଉପରେ ଅତ୍ୟାଚାରର ଅନେକ ଅଭିଯୋଗ ରହିଛି ବନ ବିଭାଗ ବିରୋଧରେ । ଏହା ଉପରେ ଉଚ୍ଚତମ ନ୍ୟାୟାଳୟ ଓ ମାନବାଧିକାର କମିଶନଙ୍କ ନିକଟରେ ଅନେକ ମାମଲା ମଧ୍ୟ ଚାଲିଛି । ସାତକୋଶିଆରେ ବନବିଭାଗ କୌଣସି ସରକାରୀ ନିୟମକୁ ପାଳନ ନ କରି, ନିଜସ୍ୱ ଇଚ୍ଛାରେ ଲୋକଙ୍କ ବିରୋଧରେ ସବୁବେଳେ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି ।

# ଅନୁଗୋଳ କଲେଜରେ କ୍ୟାମ୍ପସ୍ ନିଯୁକ୍ତି ଅଭିଯାନ



ଅନୁଗୋଳ,୨୧ ।୩(ସମିସ): ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର 'ବୃତ୍ତିଗତ ପରାମର୍ଶ କେନ୍ଦ୍ର ଏବଂ ନିଯୁକ୍ତି କୋଷ' ଓ ଏମସିଏ ବିଭାଗ ମିଳିତ ଆନୁକୂଲ୍ୟରେ କ୍ୟାମ୍ପସ୍ ନିଯୁକ୍ତି ଅଭିଯାନ ଅନୁଷ୍ଠିତ ହୋଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ବସନ୍ତ କୁମାର ସାହୁ କାର୍ଯ୍ୟକ୍ରମକୁ ଉଦଘାଟନ କରି ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଶିକ୍ଷା ଓ ବୃତ୍ତିଗତ ଜୀବନ ଯାତ୍ରାରେ ସମସ୍ତ ସୁଯୋଗକୁ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସର ସହ ଉପଯୋଗ କରିବାକୁ ପ୍ରେରିତ କରିଥିଲେ । ଏଥିରେ ଇଣ୍ଟିଗ୍ରେଅନ୍ କମ୍ପାନୀର ନିଯୁକ୍ତିଦାତାମାନେ ଅଂଶଗ୍ରହଣ କରିଥିଲେ । ମହାବିଦ୍ୟାଳୟର ବୃତ୍ତିଗତ ପରାମର୍ଶ କେନ୍ଦ୍ର ଏବଂ ନିଯୁକ୍ତି କୋଷର ଅଧିକାରୀ ସହକାରୀ ପ୍ରଫେସର ସୁଜ୍ଞାନୀ ରଥ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ସେମାନଙ୍କ ନିଯୁକ୍ତି ଏବଂ କ୍ୟାରିଅର ସମ୍ଭାବନା ବୃଦ୍ଧି ପାଇଁ ନିରନ୍ତର ସହାୟତାର ପ୍ରତିଶ୍ରୁତି ଦେଇଥିଲେ । ନିଯୁକ୍ତି ପ୍ରକ୍ରିୟାକୁ ପିନାକେଲ୍ ହ୍ୟୁମାନ୍ ରିସୋର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ସମ୍ବିତ ସେଠୀ ପରିଚାଳନା କରିଥିଲେ । ମୋଟ ୩୭ ଛାତ୍ରଛାତ୍ରୀ ଲିଖିତ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୨୮ ଜଣଙ୍କୁ ଚୟନ କରାଯାଇଥିଲା । ପରବର୍ତ୍ତୀ ସମୟରେ ଏହି ୨୮ ଛାତ୍ରଛାତ୍ରୀ ସାକ୍ଷାତକାର ରାଉଣ୍ଡ ପାଇଁ ଉପସ୍ଥିତ ହୋଇଥିଲେ ଏବଂ ୧୩ ଜଣଙ୍କୁ କମ୍ପାନୀ ଦ୍ୱାରା ସିଧାସଳଖ ଆୟୋଜିତ ହେବାକୁ ଥିବା ଚୂଡ଼ାନ୍ତ ବ୍ୟକ୍ତିଗତ ସାକ୍ଷାତକାର ପାଇଁ ତାଲିକାଭୁକ୍ତ କରାଯାଇଥିଲା । ଶେଷରେ ଏମସିଏ ବିଭାଗ ମୁଖ୍ୟ ନୀଳାମ୍ବର ନାୟକ ନିଯୁକ୍ତିଦାତାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ । ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ସାହୁ ଏବଂ ମହେଶ କୁମାର ସାହୁ ସହଯୋଗ କରିଥିଲେ ।

# ରସାୟନ ବିଜ୍ଞାନ ବିଭାଗର ସେମିନାର



ଅନୁଗୋଳ,୨୧ ।୩(ସମିସ): ସ୍ଥାନୀୟ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଶନିବାର ବାର୍ଷିକ ସେମିନାର ଅନୁଷ୍ଠିତ ହୋଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବସନ୍ତ କୁମାର ସାହୁ ଏଥିରେ ସଭାପତିତ୍ୱ କରି ଛାତ୍ରଛାତ୍ରୀଙ୍କୁ ବୈଜ୍ଞାନିକ ଗବେଷଣା ଓ ନୂତନ ଉଦ୍ଭାବନ ପାଇଁ ଉତ୍ସାହିତ କରିଥିଲେ । ବିଭାଗୀୟ ମୁଖ୍ୟ ଡ. ଅନସୂୟା ମିଶ୍ର ସେମିନାରର ଆଭିମୁଖ୍ୟ ପ୍ରକାଶ କରିଥିଲେ । ଏହି ଅବସରରେ ବିଭାଗୀୟ "ସେମିନାର ବୁଲେଟିନ୍' ଉନ୍ମୋଚିତ ହୋଇଥିଲା । କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ସେମିନାରରେ ହାଇଦ୍ରାବାଦ ଆଇଆଇସିଟିଇ ମୁଖ୍ୟ ବୈଜ୍ଞାନିକ ଡ. ଦେବେନ୍ଦ୍ର କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଡ୍ରଗ ରିସର୍ଚ୍ଚ ବିଷୟରେ ଭାଷଣ ପ୍ରଦାନ କରିଥିଲେ । ଡ. ଏଲ୍‌ଏନ୍ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ପ୍ରମୋଦ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଁଆରପାଳ ସେବାଶ୍ରମ ସ୍କୁଲରେ ନୂତନ ଶିକ୍ଷାବୃତ୍ତି ପ୍ରଚଳନ

ବଁଆରପାଳ,୨୧ ।୩(ସମିସ): ସ୍ଥାନୀୟ ସେବାଶ୍ରମ ସ୍କୁଲରେ "ଶ୍ରୀ ସୁରେନ୍ଦ୍ରନାଥ ମହାନ୍ତି ସ୍କଲାରସିପ୍ ଫର୍ ଏକାଡେମିକ୍ ଏକ୍ସଲେନ୍ସ' ନାମରେ ନୂତନ ବେସରକାରୀ ଶିକ୍ଷାବୃତ୍ତିର ଆରମ୍ଭ ହୋଇଛି । ଚଳିତ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ତୃତୀୟ ଶ୍ରେଣୀ ଛାତ୍ରୀ ଦିବ୍ୟାସିନୀ ନାଏକ, ଚତୁର୍ଥ ଶ୍ରେଣୀ ଛାତ୍ରଛାତ୍ରୀ ସାଇକ୍ରିଷ୍ଣା ଜେନା ଓ ଶ୍ରାବଣୀ ଗଡ଼ନାୟକ ଓ ପଞ୍ଚମ ଶ୍ରେଣୀ ଛାତ୍ରୀ ସ୍ମିତିପ୍ରଜ୍ଞା ବେହେରା ଓ ଲକ୍ଷ୍ମୀପ୍ରିୟା ମୁର୍ମୁଙ୍କୁ ଏକହଜାର ଟଙ୍କା ଲେଖାଏଁ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି । ମୁଖ୍ୟଅତିଥି ଭାବେ ବଁଆରପାଳ ଗୋଷ୍ଠୀ ସମାଜ ମଙ୍ଗଳ ଅଧିକାରିଣୀ ସୁଶ୍ରୀ ଶକୁନ୍ତଳା ପ୍ରିୟଦର୍ଶିନୀ ଯୋଗଦେଇ ଏହି ବୃତ୍ତି ପ୍ରଦାନ କରି ଏହା ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ମତବ୍ୟକ୍ତ କରିଥିଲେ । ଉତ୍ସବରେ ଅଧ୍ୟକ୍ଷତା କରି ପ୍ରଧାନଶିକ୍ଷକ ପ୍ରବୀର କୁମାର ବେହେରା ବୃତ୍ତି ପ୍ରଚଳନ କରିଥିବା ଭୁବନେଶ୍ୱର ନିବାସୀ ବଦାନ୍ୟ ପରିବାରର ଦୀପ୍ତି ମହାନ୍ତି, ଅଧୁନା ଆମେରିକାରେ ଅବସ୍ଥାପିତ ଓ କାର୍ଯ୍ୟରତ ତାଙ୍କ ଭାଇ ଭାଉଜ ପ୍ରଫେସର ମନୋଜ କୁମାର ମହାନ୍ତି ଓ ଡ. ପ୍ରଜ୍ଞା ପାରମିତା ମହାନ୍ତି ତଥା ସାନଭାଇ ସତ୍ୟସୁନ୍ଦର ମହାନ୍ତିଙ୍କୁ ସାଧୁବାଦ ଜଣାଇଥିଲେ । ମନୋଜ କୁମାର ମହାନ୍ତି ୧୯୭୨-୭୪ରେ ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ । ସେ ସମୟରେ ତାଙ୍କ ପିତା ସ୍ୱର୍ଗତ ସୁରେନ୍ଦ୍ରନାଥ ମହାନ୍ତି ଜଣେ ସଚ୍ଚୋଟ ଓ ଦକ୍ଷ ବିଡିଓ ଭାବେ ଏ ଅଞ୍ଚଳରେ ସମସ୍ତଙ୍କ ପ୍ରିୟପାତ୍ର ଥିଲେ ବୋଲି ମନୋଜଙ୍କ ସ୍ଥାନୀୟ ବାଲ୍ୟବନ୍ଧୁ ତଥା ସହପାଠୀ ଦୁଃଖବନ୍ଧୁ ପରିଡ଼ା ପ୍ରକାଶ କରିଥିଲେ । ମନୋଜଙ୍କ ବାଲ୍ୟ ବନ୍ଧୁ ସୁରେଶ ଚନ୍ଦ୍ର ଦାସ, ଅଶୋକ ରାଉତ ଓ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ସତ୍ୟସୁନ୍ଦର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।



# ସାବିତ୍ରୀ ଜିନ୍ଦଲଙ୍କ ଜନ୍ମଦିନରେ କଲ୍ୟାଣଧର୍ମୀ କାର୍ଯ୍ୟକ୍ରମ

ଅନୁଗୋଳ,୨୧ ।୩(ସମିସ): ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷା ସାବିତ୍ରୀ ଜିନ୍ଦଲଙ୍କ ଜନ୍ମଦିନ ଉତ୍ସାହର ସହ ପାଳନ କରାଯାଇଛି । ଏହି ଅବସରରେ ବିଭିନ୍ନ ମାନବକଲ୍ୟାଣଧର୍ମୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟିଲର କର୍ମଚାରୀମାନେ ଯୋଗଦେଇ ଅନୁଗୋଳ ଜିଲ୍ଲାର ବିଭିନ୍ନ ବୃଦ୍ଧାଶ୍ରମ ଓ ଅନାଥାଶ୍ରମରେ ଅନ୍ତେବାସୀଙ୍କ ସହିତ ସମୟ ବିତାଇବା ସହ ଏକାଠି ଭୋଜନ କରିଥିଲେ । ଅନୁଗୋଳ ପ୍ରକଳ୍ପ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପିକେ ବିଜୁ ନାୟାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇସ୍ପାତ ଜୋନ୍) ଦାମୋଦର ମିତ୍ତଲ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏସଏମଏସ୍ ଏବଂ ମିଲ୍ସ) ହୃଦୟେଶ୍ୱର ଝା ଏବଂ ସଭାପତି (ମାନବ ସମ୍ବଳ) ଦିଲୀପ ସିହ୍ନାଙ୍କ ସମେତ ବିଭାଗୀୟ ମୁଖ୍ୟ, କର୍ମଚାରୀ, ଜନ୍ମଦିନ ପାଳନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଜିନ୍ଦଲ ନଗରରେ ଅବସ୍ଥିତ



ଦେବଭୂମି ମନ୍ଦିର ଓ ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲରେ ପୂଜାପାଠ ଓ ପ୍ରାର୍ଥନା କରାଯାଇଥିଲା । କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ବୀରଭୂମି (ଶ୍ରମିକ ବିହାର) ଆଦି ଜିନ୍ଦଲ ଷ୍ଟିଲର ବିଭିନ୍ନ କାର୍ଯ୍ୟସ୍ଥଳୀରେ ଜନ୍ମଦିନ ଉତ୍ସବ ପାଳନ କରାଯାଇଥିଲା । ଅନେକ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିପାରିଥିବା ସାବିତ୍ରୀ ଜିନ୍ଦଲଙ୍କ କାର୍ଯ୍ୟକୁ ସମ୍ମାନ ଜଣାଇ ଦିନଟିକୁ ସେବା ପାଇଁ ଉତ୍ସର୍ଗ କରାଯାଇଥିଲା । ସୂଚନାଯୋଗ୍ୟ, ସାବିତ୍ରୀ ଜିନ୍ଦଲ ଲୋକଙ୍କ ସେବା ପାଇଁ ଉଲ୍ଲେଖନୀୟ ଅବଦାନ ଦେଇ ଆସୁଛନ୍ତି । ସେ ହରିୟାଣା ସରକାରରେ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ ଏବଂ ବର୍ତ୍ତମାନ ହିସାରରୁ ସ୍ୱାଧୀନ ବିଧାୟକ ଭାବେ ପ୍ରତିନିଧିତ୍ୱ କରୁଛନ୍ତି ।

# ଷୋଳପଦାରେ ଜଳଯୋଦ୍ଧା ସତ୍ୟବ୍ରତ ବାଘ



କିଶୋରନଗର,୨୧ ।୩(ସମିସ): ଆଠମଲ୍ଲିକ ଉପଖଣ୍ଡ ଠାକୁରଗଡ଼ ଗ୍ରାମର ସତ୍ୟବ୍ରତ ବାଘ ପେସାରେ ଜଣେ ପାଣି ମିସ୍ତ୍ରି ହୋଇଥିବା ସତ୍ତ୍ୱେ ଜଳ ସଙ୍କଟ ସମୟରେ ମାନବିକତାର ଉଦାହରଣ ଦେଖାଇଛନ୍ତି । ଷୋଳପଦା ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ସେ ନଳକୂପ ଓ ପାଇପଲାଇନ୍ ମରାମତି କାମରେ ନିଯୁକ୍ତ ଅଛନ୍ତି । ଅଞ୍ଚଳରେ ଜଳ ସମସ୍ୟା ଦିନକୁ ଦିନ ଗମ୍ଭୀର ରୂପ ଧାରଣ କରୁଥିବା ବେଳେ ସତ୍ୟବ୍ରତ ନିଜ ସ୍ୱାର୍ଥକୁ ପଛରେ ରଖି ଲୋକଙ୍କ ସେବାରେ ନିରନ୍ତର କାମ କରୁଛନ୍ତି । ନଳକୂପ ଅଚଳ କିମ୍ବା ପାଇପ ଲାଇନରେ ତ୍ରୁଟି ହେଲେ ସେ ଦିନରାତି ପରିଶ୍ରମ କରି ସମସ୍ୟା ସମାଧାନ କରୁଛନ୍ତି । ଜରୁରୀ ସମୟରେ ଡାକ ପଡ଼ିଲେ ତୁରନ୍ତ ପହଞ୍ଚି ଲୋକମାନଙ୍କୁ ପାଣି ସୁବିଧା ଯୋଗାଇବାରେ ଲାଗି ପଡୁଛନ୍ତି । ତାଙ୍କର ଏହି ନିଷ୍ଠା, ପରିଶ୍ରମ ଓ ସେବା ମନୋଭାବ ପାଇଁ ସ୍ଥାନୀୟ ଲୋକେ ତାଙ୍କୁ ଉଚ୍ଚ ପ୍ରଶଂସା କରୁଛନ୍ତି । ଲୋକଙ୍କ କହିବା ଅନୁସାରେ, ଜଳ ସଙ୍କଟ ସମୟରେ ସତ୍ୟବ୍ରତଙ୍କ ଭଳି ସେବାନିଷ୍ଠ ବ୍ୟକ୍ତିଙ୍କ ସହଯୋଗ ନ ମିଳିଲେ ପରିସ୍ଥିତି ଅଧିକ ଗୁରୁତର ହୋଇପଡ଼ଥାଆନ୍ତା । ତାଙ୍କର ଏହି ନିଷ୍ଠାପୂର୍ଣ୍ଣ ସେବା ସମାଜ ପାଇଁ ପ୍ରେରଣା ସାଜିଛି ।

### ୧୭୨ କୋଟିର ପ୍ରକଳ୍ପ ଲୋକାର୍ପଣ ଓ ଶିଳାନ୍ୟାସ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

# 'ଗାଁ ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଲକ୍ଷ୍ୟ'

ଛେଣ୍ଡିପଦା,୨୧ ।୩(ସମିସ):

ପ୍ରତ୍ୟେକ ଗ୍ରାମରେ ବିକାଶର ଧାରାକୁ ସୁଦୃଢ଼ କରି ଲୋକଙ୍କ ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଆମର ମୂଳ ଲକ୍ଷ୍ୟ ବୋଲି ଶନିବାର ଅନୁଗୋଳ ଜିଲ୍ଲା ଛେଣ୍ଡିପଦାଠାରେ ପ୍ରାୟ ୧୭୨ କୋଟି ଟଙ୍କାର ୪୧ ବିକାଶମୂଳକ ପ୍ରକଳ୍ପ ଲୋକାର୍ପଣ ଓ ଶିଳାନ୍ୟାସ କରିବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପ୍ରଧାନ କହିଛନ୍ତି, ଛେଣ୍ଡିପଦା ଅଞ୍ଚଳର ପ୍ରଗତି ପାଇଁ ନିର୍ମିତ ହେବାକୁ ଥିବା ଷ୍ଟାଡିୟମ୍ ଓ ନୂତନ କମ୍ୟୁନିଟି ସେଣ୍ଟର ଭଳି ବୃହତ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । ଏଥିସହ ୪୨ ହିତାଧିକାରୀଙ୍କୁ ସରକାରୀ ଯୋଜନାର ସୁଫଳ ପ୍ରଦାନ କରାଯାଇଛି । ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନୁଗୋଳ ଜିଲ୍ଲାକୁ ପ୍ରାୟ ୨୫,୦୦୦ରୁ ଅଧିକ ଘର ଆସିବ । ଡବଲ ଇଞ୍ଜିନ ସରକାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଭତ୍ତା ପହଞ୍ଚାଇବାକୁ ସଂକଳ୍ପବଦ୍ଧ । ଜିଲ୍ଲାରେ ପର୍ଯ୍ୟଟନ ଶିଳ୍ପର ବିକାଶ ଲକ୍ଷ୍ୟରେ ଡେରଜଙ୍ଗ ପ୍ରକଳ୍ପରେ ଆଧୁନିକ ବୋଟିଂ ବ୍ୟବସ୍ଥା ଲୋକାର୍ପଣ କରାଯାଇଛି । ଏହାଦ୍ୱାରା ସ୍ଥାନୀୟ ଲୋକଙ୍କ ରୋଜଗାର ବୃଦ୍ଧି ପାଇବ । ଆଗାମୀ ପିଢ଼ି ପାଇଁ ଏକ ସ୍ୱଚ୍ଛ ପରିବେଶ ଗଢ଼ିବାକୁ ହେଲେ ସ୍କୁଲଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକମୁକ୍ତ କରିବାକୁ ହେବ । ଏଥିପାଇଁ ସମସ୍ତ ଶିକ୍ଷକଙ୍କ ସହଯୋଗ ଆବଶ୍ୟକ ବୋଲି କେନ୍ଦ୍ର ମନ୍ତ୍ରୀ ପ୍ରଧାନ କହିଛନ୍ତି । ଏହି କାର୍ଯ୍ୟକ୍ରମ ପରେ ପ୍ରଧାନ ଛେଣ୍ଡିପଦାଠାରେ ଦଳର ନୂତନ କାର୍ଯ୍ୟାଳୟ ଉଦଘାଟନ କରିବା ସହ ମିଶ୍ରଣ ପର୍ବରେ ଯୋଗଦେଇଥିଲେ । ଏହି ଅବସରରେ ସେ କହିଲେ, ଏହି କାର୍ଯ୍ୟାଳୟ କେବଳ ଏକ କୋଠା ନୁହେଁ, ଏହା ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସେବା, ସଂକଳ୍ପ ଏବଂ ସମର୍ପଣର ନୂଆ କେନ୍ଦ୍ରବିନ୍ଦୁ । ଆଗାମୀ ଦିନରେ ଏହା ଅଞ୍ଚଳର ଲୋକଙ୍କ ସମସ୍ୟା ସମାଧାନ ଓ ବିକାଶମୂଳକ ଆଲୋଚନାର ପ୍ରମୁଖ ସ୍ଥଳ ସାଜିବ ବୋଲି ସେ କହିଥିଲେ । ସୂଚନାଯୋଗ୍ୟ, ଛେଣ୍ଡିପଦାରେ ଆୟୋଜିତ ଲୋକାର୍ପଣ ଓ ଶିଳାନ୍ୟାସ କାର୍ଯ୍ୟକ୍ରମରେ ୧୭୨.୯୧ କୋଟି ଟଙ୍କାର ୩୫ ପ୍ରକଳ୍ପର ଶିଳାନ୍ୟାସ ସହ ୮.୭୩ କୋଟି ଟଙ୍କାର ୬ଟି ପ୍ରକଳ୍ପର ଲୋକାର୍ପଣ କରାଯାଇଛି । ଏତଦବ୍ୟତୀତ ଅନୁଗୋଳ ଗସ୍ତକାଳରେ ବଁଆରପାଳ ଅନ୍ତର୍ଗତ ତୁରଙ୍ଗ ପଞ୍ଚାୟତରେ ନୂତନ ପଞ୍ଚାୟତ ଗୃହ, ତୁରଙ୍ଗ ଛକରେ ନିର୍ମିତ ଯାତ୍ରୀ ବିଶ୍ରାମାଗାର ଏବଂ ଛେଣ୍ଡିପଦାଠାରେ ବାଲିପଙ୍ଗା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମରେ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଅଗସ୍ତି ବେହେରା, ବ୍ଲକ୍ ଅଧ୍ୟକ୍ଷା ସୁମିତ୍ରା ସାହୁ, ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ, ଅନୁଗୋଳ ଏସପି ରାହୁଲ ଜୈନ, ଛେଣ୍ଡିପଦା ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତଙ୍କ ସମେତ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ ଏବଂ ବିଜେପି କର୍ମକର୍ତ୍ତା ଯୋଗଦେଇଥିଲେ ।





## ବସୁପୁର ପଞ୍ଚାୟତରେ ଜନଶୁଣାଣି ଶିବିର

ଡେରାବିଶ,୨୧।୩(ସମିସ): ବସୁପୁର ପଞ୍ଚାୟତ କାର୍ଯ୍ୟାଳୟରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ବିଡିଓ ନମିତା ବାରିକ ଓ ସରପଞ୍ଚ କମଳା ଦାସ ଯୋଗଦେଇ ୩୦ଟି ଅଭିଯୋଗର ଶୁଣାଣି କରିଥିଲେ। ଏଥିରୁ କେତେକ ଅଭିଯୋଗର ତ୍ୱରିତ ସମାଧାନ ହୋଇଥିବାବେଳେ ଅନ୍ୟ ଅଭିଯୋଗ ବିଭାଗୀୟ ଅଧିକାରୀଙ୍କ ନିକଟକୁ ସମାଧାନ ନିମନ୍ତେ ପଠାଯାଇଥିଲା। ଶିବିରରେ ସହକାରୀ ସାମାଜିକ ସୁରକ୍ଷା ଅଧିକାରୀ ଚୌଧୁରୀ ଦୀପକ କୁମାର, ବ୍ଲକ୍ ଯୋଗାଣ ନିରୀକ୍ଷକ ସ୍ୱରୂପ ଦାସ, ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ବିଭୁଦତ୍ତ ଦାସ, ସହକାରୀ ବୈଷୟିକ କୃଷି ଅଧିକାରୀ ନିରୁପମା ତ୍ରିପାଠୀ ଓ ଓଭରସିୟର ସୁଜାତା ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପୂର୍ବତନ ସରପଞ୍ଚ ଅମୃତରାଜ ବେହେରା ପରିଚାଳନା କରିଥିଲେ।

## ଶିଶୁ ସୁରକ୍ଷା କମିଟି ସଦସ୍ୟଙ୍କୁ ଦୁର୍ବ୍ୟବହାର; ୨ ଗିରଫ

କେନ୍ଦ୍ରାପଡ଼ା,୨୧।୩(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ସଖିବଟ ମନ୍ଦିର ପରିସରରେ ବାଲ୍ୟ ବିବାହ ରୋକିବାକୁ ଯାଇ ଶିଶୁ ସୁରକ୍ଷା କମିଟି ଦଳ ସଦସ୍ୟାଙ୍କୁ ଦୁର୍ବ୍ୟବହାର ଓ ଆକ୍ରମଣ ଘଟଣାରେ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ଗତ ୫ ତାରିଖରେ ସଖିବଟ ମନ୍ଦିର ପରିସରରେ ଏକ କନ୍ୟା ବିବାହ ହେଉଥିବା ବାବଦରେ ଖବର ପାଇ ଜିଲ୍ଲା ଶିଶୁ ସୁରକ୍ଷା କମିଟି ସଦସ୍ୟା ଓ ସମ୍ପୃକ୍ତ ସିଡିପିଓ ଘଟଣାସ୍ଥଳରେ ପହଞ୍ଚିଥିଲେ। ଯାଞ୍ଚକାଳୀନ କନ୍ୟାଙ୍କ ବୟସ ନେଇ ସନ୍ଦେହ ହୋଇଥିଲା। ପରେ ପରିଚୟ ପତ୍ର ଯାଞ୍ଚରେ ବୟସ ଜାଲିଆତି ଘଟିଥିବା ପ୍ରକାଶ ପାଇଥିଲା ଓ କନ୍ୟାଙ୍କ ପ୍ରକୃତ ବୟସ ୧୬ ବର୍ଷ ବୋଲି ନିଶ୍ଚିତ ହୋଇଥିଲା। ଏହାପରେ ଟିମ୍ ପକ୍ଷରୁ ବାଲ୍ୟ ବିବାହ ରୋକିବା ପାଇଁ ପଦକ୍ଷେପ ନିଆଯାଇଥିଲା। ଏହି ସମୟରେ କନ୍ୟାଙ୍କ ମା, ମାମୁଁ ଓ କିଛି ସମ୍ପର୍କୀୟ କମିଟି ସଦସ୍ୟାଙ୍କ ସହ ଅସଭ୍ୟ ବ୍ୟବହାର କରିଥିବା ସହ ଗାଳିଗୁଲଜ ଓ ଆକ୍ରୋଶମୂଳକ ଆଚରଣ ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ସମ୍ବନ୍ଧରେ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରବର୍ତ୍ତୀ କାଳରେ ପୁଲିସ କାର୍ଯ୍ୟାନୁଷ୍ଠାନ ସ୍ୱରୂପ କନ୍ୟାର ମାଆ ଓ ମାମୁଁଙ୍କୁ ଗିରଫ କରିଛି। ଘଟଣାର ତଦନ୍ତ ଜାରି ରହିଥିବାବେଳେ ପ୍ରଶାସନ ପକ୍ଷରୁ ବାଲ୍ୟ ବିବାହ ନିରୋଧ ଆଇନର କଡ଼ାକଡ଼ି ପାଳନ ପାଇଁ ଜୋର ଦିଆଯାଇଛି। ଏହାସହିତ ଏପରି ଅବୈଧ କାର୍ଯ୍ୟକଳାପରୁ ସାଧାରଣ ଲୋକଙ୍କୁ ଦୂରେଇ ରହିବାକୁ ଅନୁରୋଧ କରାଯାଇଛି।

## ସଦାନନ୍ଦପୁର ଓ ମନ୍ତ୍ରିପଡ଼ାରେ ଇଦ୍ ପର୍ବ



ପଞ୍ଚୁପାଣ୍ଡବ,୨୧।୩(ସମିସ): ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମ ମୁସଲିମ ବସ୍ତିରେ ଇଦ୍ ଉଲ୍ ଫିତର ପର୍ବ ପାଳନ କରାଯାଇଛି। ବିଭିନ୍ନ ମୁସଲିମ ବସ୍ତିରେ ରମଜାନ ମାସ ପାଇଁ ଏକ ମାସ ଧରି ଉପବାସ (ରୋଜା) ରଖିବା, ତରାବି ପାଠ ଓ କୋରାନ ପାଠ କରିଥିବାବେଳେ ଶୁକ୍ରବାର ଚାନ୍ଦ ଦେଖିବା ପରେ ଶନିବାର ଦିନ ସକାଳୁ ଉଠି ପରସ୍ପରକୁ ମିଠା ଖୁଆଇ, ନୂଆ ବସ୍ତ୍ର ପିନ୍ଧି, ପରସ୍ପରକୁ ଇଦ୍ ମୋବାରକ୍ ଜଣାଇବା ପରେ ସକାଳ ୯ଟା ସମୟରେ ଇଦ୍ ପର୍ବ ପାଇଁ ପ୍ରାର୍ଥନା କରାଯାଇଥିଲା। ସଦାନନ୍ଦପୁର ଗ୍ରାମର ଆଲା ହଜରତ ସୁନି ମସଜିଦରେ ଇମାମ ସାହେବ୍ ହାଫିଜ୍ ନଜିରୁଲ ହୋସେନ୍ ନମାଜ ପାଠ କରାଇଥିଲେ। ସେହିପରି କୁରୁଜଙ୍ଗା ପଞ୍ଚାୟତର ମନ୍ତ୍ରିପଡ଼ା ଗ୍ରାମ ସୁନି ମସ୍‌ଜିଦରେ ନମାଜ ପାଠ ପଢାଇବା ସହ ଭାଇଚାରା ବଜାୟ ରଖିବା, ସମସ୍ତଙ୍କ ଭବିଷ୍ୟତ ପାଇଁ ପ୍ରାର୍ଥନା କରାଯାଇଥିଲା। ଓଲଡି, ନୂଆହାଟ ଓ ବିଭିନ୍ନ ମୁସଲମାନ ବସ୍ତିରେ ନମାଜ ପାଠ କରାଯାଇଥିଲା। ବିଭିନ୍ନ ମସଜିଦ୍‌ରେ ନିକିରାଇ ଓ ଡେରାବିଶ ଥାନା କର୍ମଚାରୀ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ଯୁବ ବିଜେଡି ସମ୍ପାଦକ ସୁଦୀପ୍ତ କେଶରୀ ସାମଲ, ସେକ ଅବଦୁଲା, ବିଜେଡ଼ି ନେତା ସରୋଜ ନାୟକ, ମନୋରଞ୍ଜନ ଉପାଧ୍ୟାୟ, ଦିଲ୍ଲୀପ ଦାସ, ପ୍ରଶାନ୍ତ ସାହୁ ଓ ବିଭିନ୍ନ ଦଳର ନେତା ମୁସଲିମ ବସ୍ତିରେ ପହଞ୍ଚି ସମସ୍ତ ଭାଇଭଉଣୀଙ୍କୁ ଇଦ୍ ମୋବାରକ ଜଣାଇଥିଲେ।

## ଅଢ଼େଇ ମାସ ହେଲା ଦୁବାଇ ଜେଲ୍‌ରେ ଓଡ଼ିଆ ଯୁବକ

ରାଜନଗର,୨୧।୩(ସମିସ): ଦୁବାଇରେ କାମ କରିବାକୁ ଯାଇଥିବା ଓଡ଼ିଆ ଯୁବକ ଜେଲରେ ବନ୍ଦୀ ଜୀବନ ବିତାଉଛନ୍ତି। ଯୁବକ କାମ କରୁଥିବା କମ୍ପାନୀ ଚୋରି ଭଳି ସଙ୍ଗୀନ ଦଫା ଲଗାଇଥିବାରୁ ଯୁବକ ଜେଲରେ ବନ୍ଦୀ ଜୀବନ କଟାଉଥିବା ଜଣାପଡ଼ିଛି। ଯୁବକଙ୍କ ମାଆ ରାଜନଗର ଥାନାରେ ଯୁବକଙ୍କୁ କାମ କରାଇବାକୁ ନେଇଥିବା ଏଜେଣ୍ଟଙ୍କ ନାଁରେ ଲିଖିତ ଅଭିଯୋଗ କରିଛନ୍ତି। ଦୁବାଇ ଜେଲରେ ବନ୍ଦୀ ଜୀବନ କଟାଉଥିବା ଯୁବକଙ୍କୁ ମୁକୁଳାଇ ଫେରାଇ ଆଣିବାକୁ ପରିବାର ଲୋକେ ନେହୁରା ହୋଇଛନ୍ତି। ରାଜନଗର ଥାନା ଅନ୍ତର୍ଗତ କୁରୁଣ୍ଟି ପଞ୍ଚାୟତ ଚକ୍ରଧରପୁର ଗ୍ରାମର ବିଜୟ ରାଉତଙ୍କ ବଡ଼ପୁଅ ବୀରେନ ରାଉତ (୩୫) ଦୁବାଇରେ କାମ କରୁଥିଲେ। ୨୦୨୩ ନଭେମ୍ବରରୁ ଦୁବାଇର ଡିଏଟଏ ଟେକ୍ନୋଲୋଜି ଏଲଏଲସି କମ୍ପାନୀରେ କାମ କରୁଥିଲେ। ଅଲିଏନ୍ସ ରିକ୍ରୁମେଣ୍ଟ ସର୍ଭିସ କମ୍ପାନୀ ମାଧ୍ୟମରେ ବୀରେନ ଦୁଇବର୍ଷିଆ ଭିସାରେ କାମ କରିବାକୁ ଯାଇଥିଲେ। ଭିସା ଅବଧି ପୂରିବାର ୩ ମାସ ପୂର୍ବରୁ ଭିସା ଅବଧି ବଢାଇବାକୁ ନିଜେ ଆବେଦନ କରିବେ ବୋଲି କହି କାମ କରୁଥିବା କମ୍ପାନୀଠାରୁ ଭିସା ଆଣିଥିଲେ। କମ୍ପାନୀଠାରୁ ଭିସା ଆଣିବା ପରେ ବୀରେନ କମ୍ପାନୀ ଛାଡି ଅନ୍ୟଏକ କମ୍ପାନୀକୁ କାମ କରିବାକୁ ଚାଲିଯାଇଥିଲେ। ବୀରେନ କମ୍ପାନୀକୁ କାମ ପାଇଁ ନ ଆସିବାରୁ କମ୍ପାନୀରୁ ଚୋରି କରି ପଳାଇଥିବା ନେଇ କମ୍ପାନୀ ପକ୍ଷରୁ ଦୁବାଇ ପୁଲିସ ନିକଟରେ ଅଭିଯୋଗ କରାଯାଇଥିଲା। ଦୁବାଇ ପୁଲିସ ଅନ୍ୟଏକ କମ୍ପାନୀରୁ ବୀରେନଙ୍କୁ ଗିରଫ କରି ଜେଲକୁ ପଠାଇଥିବା ଜଣାପଡିଛି। ଅଢେଇ ମାସ ହେଲା ବୀରେନ ଦୁବାଇ ଜେଲରେ ରହିଛନ୍ତି। ବୀରେନର ମାଆ ପୁଅକୁ ଉଦ୍ଧାର ପାଇଁ ଆକୁଳ ନିବେଦନ କରିଛନ୍ତି।

## ପୂର୍ବତନ ତହସିଲ କର୍ମଚାରୀଙ୍କ ପରଲୋକ

ରାଜକନିକା ୨୧।୩(ସମିସ): ପୂର୍ବତନ ତହସିଲ କର୍ମଚାରୀ ତଥା ବାଘବୁଦା (ନୂଆସାହି) ଗାଁର ବୟୋଜ୍ୟୋଷ୍ଠ ବ୍ୟକ୍ତି ଶତ୍ରୁଘ୍ନ ଦାଶ (୮୪)ଙ୍କ ଆଜି ସକାଳେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ତାଙ୍କର ପରଲୋକ ଖବର ପାଇ ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି, ସତ୍ୟନାରାୟଣ ବଣିକ ସଙ୍ଘ ସଦସ୍ୟ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ପରେ ଅପରାହ୍ନରେ ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇ ସନ୍ଧ୍ୟାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ସୁବାସ ମୁଖାଗ୍ନି ଦେଇଥିଲେ।

### ବାଲି ବୋଝେଇ ହାଇୱା କବ୍‌ଜାରେ ଗ୍ରାମାଞ୍ଚଳ ରାସ୍ତା

# ପ୍ରଶାସନ ନିରବ; ପରୋକ୍ଷରେ ପ୍ରଦୂଷଣକୁ ପ୍ରୋତ୍ସାହନ

ଡେରାବିଶ,୨୧।୩(ସମିସ)



ଡେରାବିଶ ବ୍ଲକ୍ ଅନ୍ତର୍ଗତ ସମସ୍ତ ଗ୍ରାମ ରାସ୍ତା ଏବେ ବାଲି ଚାଲାଣ କରୁଥିବା ହାଇୱାଙ୍କ ଅଧୀନକୁ ଚାଲିଯାଇଛି। ବିଶେଷକରି ଯଅଁରାବାରିମୂଳ ପଞ୍ଚାୟତର ଅର୍ତ୍ତାମୂଳ ବାଲିଘାଟରୁ ବାଲି ଚାଲାଣ କରୁଥିବା ହାଇୱା ଅର୍ତ୍ତାମୂଳରୁ ବାଲିଘାଟରୁ ବାହାରି ଦାନପୁର-ଖରିଦାସାହି, ଅର୍ତ୍ତାମୂଳ-ଚାନ୍ଦୋଳ ଓ ଅର୍ତ୍ତାମୂଳରୁ ଦାନପୁର ଦେଇ କେନ୍ଦ୍ରାପଡ଼ା କେନାଲ୍ ବନ୍ଧରେ କେନ୍ଦ୍ରାପଡ଼ା ଆଡ଼କୁ ଯାଉଛି। ଫଳରେ ବାଲି ବୋଝେଇ ହାଇୱାରୁ ବାଲି ଖସି ସାଧାରଣ ପଥଚାରୀ, ସାଇକଲ୍ ଓ ବାଇକ୍ ଆରୋହୀଙ୍କ ପାଇଁ ଦୁର୍ଘଟଣାର କାରଣ ସାଜୁଥିବାବେଳେ ରାସ୍ତାର ଉଭୟ ପାଶ୍ୱର୍ରେ ରହୁଥିବା ଅଧିବାସୀଙ୍କୁ ପ୍ରଦୂଷଣ ଆତଙ୍କ ଘାରିଛି।

ଡେରାବିଶ ବ୍ଲକ୍ ଅନ୍ତର୍ଗତ ଲୁଣାନଦୀର ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତ୍ତାମୂଳଠାରୁ ବସପୁର ପଞ୍ଚାୟତର ବସପୁର ଯାଏ ଲୁଣା ଓ କରାଣ୍ଡିଆ ନଦୀରେ ତିନୋଟି ବାଲି ସୈରାତ ରହିଛି। ତହିଁରୁ ଦୁଇଟି ବନ୍ଦ ଥିବାବେଳେ ଅର୍ତ୍ତାମୂଳ ଘାଟରୁ ବାଲି ଉତ୍ତୋଳନ କରାଯାଉଥିବା ଦେଖାଯାଇଛି। ଏହି ଘାଟରୁ ଦୈନିକ ଶହ ଶହ ହାଇୱା ବାଲି ଚାଲାଣ କରୁଥିବା ସମୟରେ ରାସ୍ତାଟି ଯେପରି କୌଣସି ଏକ ଖଣି ଖାଦାନ ଅଞ୍ଚଳ ଭଳି ଲାଗୁଛି। ଅହରହ ରାସ୍ତାରେ ହାଇୱା ବାଲି ଚାଲାଣ କରୁଥିବାବେଳେ ତହିଁରୁ ବାଲି ଉଡ଼ି ଅଞ୍ଚଳକୁ ପ୍ରଦୂଷିତ କରିବା ସହ ରାସ୍ତାର ଉଭୟ ପାଶ୍ୱର୍ରେ ଥିବା ବାସଗୃହ, ଦୋକାନ ଗୃହରେ ଧୂଳି ଭର୍ତ୍ତି ହେଉଛି। ବାଲି ପରିବହନ ସମୟରେ ରାସ୍ତାର ଉଭୟ ପାଶ୍ୱର୍ରେ ହାଇୱାରୁ ବାଲି ଝଡ଼ି ଉଭୟ ପାଶ୍ୱର୍ରେ ଏକ ଫୁଟରୁ ଅଧିକ ବହଳ ବାଲି ଜମିଗଲାଣି। ଫଳରେ ଆଗରୁ କିମ୍ବା ପଛରୁ ବାଲି ବୋଝେଇ ହାଇୱା ଆସିଲେ ଛୋଟ ଯାନ ରାସ୍ତାକଡ଼ ବାଲିରେ ପଶି ଦୁର୍ଘଟଣାର ସମ୍ମୁଖୀନ ହେଉଛି। ଦିନରେ ଏହି ରାସ୍ତା ଦେଇ ଲୁଣାନଦୀର ଅପରପାଶ୍ୱର୍ରେ ଥିବା ଇନ୍ଦାଲୋ, ହରିଅଙ୍କ, ଯଅଁରାବାରିମୂଳ ପଞ୍ଚାୟତର ଅଧିବାସୀଙ୍କ ସହିତ ଗରଦପୁର ଓ ମାର୍ଶାଘାଇ ବ୍ଲକ୍‌ର ଅନେକ ପଞ୍ଚାୟତ ଅଧିବାସୀ ଏହି ରାସ୍ତା ଦେଇ କଟକ-ଚାନ୍ଦବାଲି ରାସ୍ତାକୁ ଭେଟିଥା'ନ୍ତି। ବାଲି ବୋଝେଇ ହାଇୱା ଯୋଗୁ ଯାତ୍ରୀ ନିର୍ବିଘ୍ନରେ ଯାତାୟାତ କରିପାରୁନାହାଁନ୍ତି। ରାତି ସମୟରେ ବାଲି ବୋଝେଇ ହାଇୱା ସମ୍ପୂର୍ଣ୍ଣ ରୂପେ ଏହି ରାସ୍ତାକୁ ନିଜ କବ୍‌ଜାକୁ ନେଇ ଅନ୍ୟ କାହାରିକୁ ଯାତାୟାତ ପାଇଁ ଛାଡ଼ନ୍ତି ନାହିଁ। ରାତିରେ ଏହି ହାଇୱା ଏତେ ଦ୍ରୁତଗତିରେ ଯାଉଛନ୍ତି ଯେ, ରାସ୍ତା କଡ଼ ଲୋକ ଘରେ ଶୋଇ ପାରୁନାହାଁନ୍ତି। ଏକ ଗାଉଁଲି ରାସ୍ତାରେ ଏଭଳି ଭାରୀଯାନ ଚଳାଚଳ ପାଇଁ ରାସ୍ତାର ମାନ ଉପଯୁକ୍ତ ନୁହେଁ। ଯଦ୍ୱାରା ସଦାସର୍ବଦା ମରାମତି ଖୋଜୁଛି। ଅନ୍ୟପକ୍ଷରେ ଏହି ରାସ୍ତା ଦେଇ ବିଭିନ୍ନ ସ୍କୁଲ, କଲେଜ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନକୁ ଛାତ୍ରଛାତ୍ରୀ ସକାଳେ ଯିବା ଓ ଅପରାହ୍ନରେ ଫେରିବା ପାଇଁ ନିରାପଦ ମଣୁନାହାଁନ୍ତି। ସବୁଠାରୁ ଆପତ୍ତିଜନକ କଥା ଏହି ବାଟ ଦେଇ ବାଲି ପରିବହନ କରୁଥିବା ଗାଡ଼ିର ଟ୍ରାଞ୍ଜିଟ୍ ପରିମିଟ୍ ରହୁ ନ ଥିବା ଜଣାଯାଇଛି। ରାଜସ୍ୱ ବିଭାଗ ହାତରୁ ବାଲି ଖାଦାନ ଖଣି ବିଭାଗକୁ ଯିବା ପରେ ପ୍ରଶାସନ ସମ୍ପୂର୍ଣ୍ଣ ଆଖି ବୁଜି ଦେଇଛି। ଏ ସମ୍ପର୍କରେ ଯେତେ ଅଭିଯୋଗ କଲେ ବି କେହି କର୍ଣ୍ଣପାତ ନ କରି ନିବରଦ୍ରଷ୍ଟା ସାଜିଛନ୍ତି। ପରୋକ୍ଷରେ ବାଲି ମାଫିଆଙ୍କୁ ପ୍ରୋତ୍ସାହିତ କରୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

● ଷଷ୍ଠ କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବ ଉଦ୍‌ଘାଟିତ

## 'ସାହିତ୍ୟ ଏକ ସଚେତନ ଓ ସମୃଦ୍ଧ ଜାତିର ପରିଚୟ'



କେନ୍ଦ୍ରାପଡ଼ା,୨୧।୩(ସମିସ): କେନ୍ଦ୍ରାପଡ଼ାର ସାଂସ୍କୃତିକ ଧାରାକୁ ଆହୁରି ସମୃଦ୍ଧ କରିବା ଲକ୍ଷ୍ୟରେ ଷଷ୍ଠ କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବ ଆଜି ଦୁହୁରିଆସ୍ଥ ବିଏସ ଗାର୍ଡେନରେ ଉଦ୍‌ଘାଟିତ ହୋଇଯାଇଛି। ଦୁଇଦିନ ଧରି ଚାଲିବାକୁ ଥିବା ଏହି ସାରସ୍ୱତ ମହୋତ୍ସବରେ ରାଜ୍ୟର ବିଭିନ୍ନ ସ୍ଥାନରୁ ସାହିତ୍ୟିକ, କବି ଓ ଚିନ୍ତକମାନଙ୍କର ଉପସ୍ଥିତି ଉତ୍ସବକୁ ଗୁରୁତ୍ୱମୟ କରିଛି। ଉତ୍ସବକୁ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଚିତ୍ରକର ଡଃ ପ୍ରଫୁଲ୍ଲ ମହାନ୍ତି ଉଦ୍‌ଘାଟନ କରି ସାହିତ୍ୟର ମୂଲ୍ୟବୋଧ ଓ ସାମାଜିକ ଭୂମିକା ବିଷୟରେ ଗଭୀର ମତ ପ୍ରକାଶ କରିଥିଲେ। ସେ କହିଥିଲେ, ପଲ୍ଲୀ ସାହିତ୍ୟ ହିଁ ଜୀବନର ସତ୍ୟ ଚିତ୍ରକୁ ସବୁଠାରୁ ସ୍ପଷ୍ଟ ଭାବେ ପ୍ରତିଫଳିତ କରେ। ସାହିତ୍ୟ ଏକ ସଚେତନ ଓ ସମୃଦ୍ଧ ଜାତିର ପରିଚୟ। ଯାହା ସମାଜର ଆଧୁନିକ ଚେତନାକୁ ପ୍ରତିବିମ୍ବିତ କରେ। ପ୍ରଥମ ଦିନରେ ଭାରତୀୟ ଐତିହ୍ୟର ସୁରକ୍ଷା, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଆଧୁନିକ ଗଳ୍ପ ଓ କବିତା ଭଳି ବିଷୟରେ ଚର୍ଚ୍ଚା ହୋଇଥିଲା। ବକ୍ତାମାନେ ମତ ପ୍ରକାଶ କରିଥିଲେ ଯେ ଓଡ଼ିଆ ସାହିତ୍ୟ ବିଶ୍ୱ ମଞ୍ଚରେ ମାନବବାଦୀ ମୂଲ୍ୟବୋଧକୁ ପ୍ରସାର କରିବାରେ ସକ୍ଷମ। ପ୍ରଥମ ଅଧିବେଶନରେ ଗବେଷକ ଅନୀଲ ଧୀର, ଗୋଲକବିହାରୀ ସିଂହ ଓ ହିମାଂଶୁ ବଳ ଭାରତୀୟ ଐତିହ୍ୟର ସୁରକ୍ଷା ଉପରେ ମତ ପ୍ରକାଶ କରିଥିଲେ। ଯାହାକୁ ଅଧ୍ୟାପକ ତପନ ପତି ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଶିକ୍ଷାବିତ ମୃଣାଳ ଚାଟାର୍ଜୀ, ସୁଦାମବନ୍ଧୁ ଭଟ୍ଟମିଶ୍ର ଓ ସାଇଦୀପ କର ଅଂଶଗ୍ରହଣ କରିଥିଲେ। ଯାହାକୁ କବି ବିରଜା ରାଉତରାୟ ସଞ୍ଚାଳନା କରିଥିଲେ। ତୃତୀୟ ଅଧିବେଶନରେ ପବିତ୍ର ପାଣିଗ୍ରାହୀ, ସୁରେଶ ଛୋଟରାୟ ଓ ଆଶିଷ ଗଡ଼ନାୟକ ଯୋଗ ଦେଇଥିଲେ। ଯାହାକୁ ସୁନନ୍ଦା ପ୍ରଧାନ ମଡରେଟ କରିଥିଲେ। ଏହାପରେ କବିତା ସେସନ୍‌ରେ କବି ପ୍ରମୋଦ ପ୍ରଧାନ, ଅମୀୟ ମହାପାତ୍ର, ଚିତ୍ତରଞ୍ଜନ ନାୟକ ଓ ବନ୍ଦନା ମିଶ୍ର ଅଂଶଗ୍ରହଣ କରିଥିଲେ। ଯାହାର ସଂଯୋଜନା ବିଶ୍ୱରଞ୍ଜନ ଦାସ କରିଥିଲେ। ଶେଷରେ କବିତା ପାଠ ଉତ୍ସବରେ ଅତିଥି କବି ମନ୍ମଥ ବରାଳ, ଭବାନୀ ମହାପାତ୍ର ଓ ଚାରୁଲତା ଭୂୟାଁଙ୍କ ସହ ବହୁ ଯୁବ କବି ତାଙ୍କ ସୃଜନୀୟତା ପ୍ରଦର୍ଶନ କରିଥିଲେ।

## ୫ ପେଟି ଚୋରାମଦ ଜବତ କରି ପୁଲିସ ଜିମାଦେଲେ ଗ୍ରାମବାସୀ

ପଟ୍ଟାମୁଣ୍ଡାଇ,୨୧।୩(ସମିସ): ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ନିଷ୍କ୍ରିୟତା ହେତୁ ଏହି ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଚୋରା ମଦ କାରବାର ବୃଦ୍ଧି ପାଇଛି। ଚୋରାମଦ କାରବାର ବୃଦ୍ଧି ହେତୁ ଆବାଳ ବୃଦ୍ଧବନିତା ନିଶାଶକ୍ତ ହୋଇ ବିଭିନ୍ନ ପ୍ରକାର ଅପରାଧରେ ଲିପ୍ତ ରହୁଛନ୍ତି। ଆଜି ମାଳିପୁର ଗ୍ରାମବାସୀ ୫ ପେଟି ମଦ ଜବତ କରି ପୁଲିସ ଜିମା ଦେଇଛନ୍ତି ଓ ଚୋରାମଦ ବେପାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରିଛନ୍ତି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ମାଳିପୁର ଗ୍ରାମରେ ୨୦୧୧ରୁ ଗ୍ରାମବାସୀ ଏକତ୍ରିତ ହୋଇ ମଦ ବେପାରକୁ ବିରୋଧ କରିବା ସହିତ ଗ୍ରାମରେ ମଦ ବିକ୍ରିକୁ ନିଷେଧ କରିଥିଲେ। ଚୋରାମଦ ବିକ୍ରି ବନ୍ଦ କରିବା ପାଇଁ ଗ୍ରାମବାସୀଙ୍କ ଉଦ୍ୟମକୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଓ ପରେ ଗ୍ରାମାଞ୍ଚଳ ଥାନା ଅଧିକାରୀ ସହଯୋଗ କରିଥିଲେ। ଫଳରେ ମାଳିପୁର ଗ୍ରାମ ଓ ବଜାରରେ ମଦ ବିକ୍ରି ଓ ମଦ ପିଇବା ବନ୍ଦ ହୋଇପାରିଥିଲା। ତେବେ ଗତ କିଛିଦିନ ହେଲା ମାଳିପୁର ଗ୍ରାମର ଜଣେ ବ୍ୟକ୍ତି ଗ୍ରାମବାସୀଙ୍କ ନିଷ୍ପତ୍ତିକୁ ବେଖାତିର କରି ଚୋରାମଦ ବେପାର ଆରମ୍ଭ କରିଥିଲେ। ମା' ଉତ୍ତରେଶ୍ୱରୀ ଠାକୁରାଣୀ ପୀଠ, ଭାଗବତ ଗାଦୀ, ଅଷ୍ଟମ ପ୍ରହରୀ ଚଉଁରା ନିକଟରେ ଚୋରା ମଦ ବେପାରୀ ଘର ହୋଇଥିବାରୁ ଉକ୍ତ ସ୍ଥାନରେ ଦିନରାତି ମଦୁଆଙ୍କ ଭିଡ଼ ଜମିବାରୁ ଆଧ୍ୟାତ୍ମିକ ପରିବେଶ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହେଉଥିଲା। ଏଥିରେ ଗ୍ରାମବାସୀ ଅତିଷ୍ଠ ହୋଇ କିଛିଦିନ ତଳେ ଏକ ଅଭିଯୋଗ ପତ୍ର ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଦିଆଯାଇଥିଲା। ଅଭିଯୋଗ ପରେ ଚୋରାମଦ ବେପାରୀ ମୁଁ ଥାନାରେ ଚାନ୍ଦା ଦେଉଛି, ତୁମେମାନେ ଅଭିଯୋଗ ଦେଇ ମୋର କ'ଣ କରିପାରିବ ବୋଲି ନାଲିଆଖି ଦେଖାଇ ବେପାର କରି ଚାଲିଥିଲେ। ଆଜି ସକାଳୁ ଗ୍ରାମବାସୀ ଚୋରାମଦ ବେପାରୀଙ୍କୁ ମଦ ଦେବାକୁ ତିନୋଟି ଅଖାରେ ମଦ ନେଇ ଆସିଥିବା ଯୁବକକୁ ଗ୍ରାମବାସୀ ଅଟକ ରଖିଥିଲେ। କୌଶଳ କ୍ରମେ ସମ୍ପୃକ୍ତ ଯୁବକ ବାଇକ୍ ନଇ ଘଟଣା ସ୍ଥଳରୁ ଖସି ପଳାଇଥିଲା। ତେବେ ଗ୍ରାମବାସୀ ମଦ ଜବତ କରିଥିଲେ। ଗ୍ରାମବାସୀଙ୍କଠାରୁ ଖବର ପାଇ ଗ୍ରାମାଞ୍ଚଳ ଥାନା ପୁଲିସ ପହଞ୍ଚିଥିଲା। ଗ୍ରାମବାସୀ ଜବତ କରିଥିବା ୫ ପେଟି ମଦ ପୁଲିସ ଜିମା ଦେଇ ଚୋରାମଦ ବେପାର ଗ୍ରାମରୁ ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ। ଆଗାମୀ ଦିନରେ ମାଳିପୁର ଗ୍ରାମରେ ଚୋରା ମଦ ବେପାରୀ ବିରୋଧରେ ପୁଲିସ କର୍ଯ୍ୟନୁଷ୍ଠାନ ଗ୍ରହଣ କରି ଚୋରା ମଦ ବେପାର ବନ୍ଦ ନ କଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବା ସହିତ ମାଳିପୁର ଦେଇ ଯାଉଥିବା ସମସ୍ତ ଚୋରା ମଦ ବେପାରୀଙ୍କୁ ଧରି ପୁଲିସ ଜିମା ଦେବେ ବୋଲି ମହେଶ୍ୱର ମଲିକ, ଅଲେଖ ମଲିକ, ସବାର ମଲିକ, ଅଭୟ ମଲିକ, ବିଚିତ୍ର ମଲିକ, ଚକ୍ରଧର ମଲିକ, ରାଜେଶ ମଲିକ, ପ୍ରଶାନ୍ତ ମଲିକ, ଅଶ୍ୱିନୀ ମଲିକ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ରାଜନଗର ଗ୍ରାମରେ ଅଗ୍ନିକାଣ୍ଡ

ପଞ୍ଚୁପାଣ୍ଡବ,୨୧।୩(ସମିସ): ଡେରାବିଶ ଥାନା ଅଧୀନ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରାଜନଗର ଗ୍ରାମରେ ଅଗ୍ନିକାଣ୍ଡ ଘଟି ଉମାକାନ୍ତେଶ୍ୱର ମହାଦେବ ମନ୍ଦିର ନିକଟରେ ଥିବା ଯଜ୍ଞ ଘର ଜଳିଯାଇଛି। ଶନିବାର ଦିନ ସକାଳେ ଯଜ୍ଞ ଘର ଜଳୁଥିବା ଦେଖିଲା ପରେ ସ୍ଥାନୀୟ ଗ୍ରାମର ଲୋକେ ନିଆଁକୁ ଆୟତ୍ତ କରିଥିଲେ ସୁଦ୍ଧା ଚାଳ ଛପରରେ ହୋଇଥିବା ଯଜ୍ଞ ଘର ପୋଡ଼ି ପାଉଁଶ ହୋଇଯାଇଛି। ଶୁକ୍ରବାର ଦିନ ସ୍ଥାନୀୟ ଜଙ୍ଗଲରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଗଛ ନଷ୍ଟ ହୋଇଥିବାବେଳେ ନିକଟରେ ଥିବା ଯଜ୍ଞ ଘର ପୋଡ଼ିବା ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିବା ଅଭିଯୋଗ ହେଉଛି।

## ଦୁର୍ଘଟଣାରେ ୩ ଯୁବକ ଗୁରୁତର ଆହତ

ଆଳି,୨୧।୩(ସମିସ): ଆଳି ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତା ସଂଲଗ୍ନ ଆଳି-ମହୁ ରାସ୍ତାର କୋଟିଲା ଛକ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ତିନିଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ବିଜୟନଗର ଗ୍ରାମର ଅବିନାଶ ବଳ ଆଳିରୁ ଜରୁରୀ କାମ ସାରି ଫେରୁଥିବା ସମୟରେ ଅନ୍ୟପଟୁ ଗଭାଡ଼ିଆ ଗ୍ରାମର ସୌରଭ ସ୍ୱାଇଁ ଓ ବିଭୁଦତ୍ତ ସେଠୀ ମହୁ ଗ୍ରାମକୁ କ୍ରିକେଟ ଖେଳିବାକୁ ଯାଇ ବାଇକ ଯୋଗେ ଆଳି ଫେରୁଥିବା ସମୟରେ କୋଟିଲା ଛକରେ ପରସ୍ପରକୁ ଧକ୍କା ଦେଇଥିଲେ। ଫଳରେ ସମସ୍ତ ତିନିଜଣ ବାଇକରୁ ଛିଟିକି ପଡ଼ି ଆହତ ହୋଇଥିଲେ। ଅବିନାଶଙ୍କ ଡାହାଣ ଗୋଡ଼, ଅଣ୍ଟାରେ ଆଘାତ ଲାଗିଥିବାବେଳେ ସୌରଭଙ୍କ ବାମ କାନ୍ଧ ଓ ବିଭୁଦତ୍ତଙ୍କ ଡାହାଣ ହାତ ଓ ଡାହାଣ ଗୋଡ଼ରେ ଆଘାତ ଲାଗିଛି। ସଡ଼କ ବନ୍ଧୁ ସୁଶାନ୍ତ ତରାଇ ପହଞ୍ଚି ସମସ୍ତ ତିନିଜଣଙ୍କୁ ପ୍ରାଥମିକ ଚିକିତ୍ସା କରି ସ୍ଥାନୀୟ ଲୋକଙ୍କ ସହଯୋଗରେ ଆଳି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ସମସ୍ତ ତିନିଜଣଙ୍କୁ ଜିଲ୍ଲା ଚିକିତ୍ସାଳୟ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି।

## କେରେଡ଼ାଗଡ଼ରେ ଇଦ୍ ପର୍ବ ପାଳିତ



ରାଜନଗର, ୨୧।୩(ସମିସ): ରାଜନଗର ବ୍ଲକ କେରେଡାଗଡ ମୁସଲିମ ବସ୍ତିରେ ଇଦ୍ ପର୍ବ ପାଳିତ ହୋଇଯାଇଛି। ବସ୍ତିରେ ଥିବା ମସ୍‌ଜିଦରେ ସମୂହ ନମାଜ ପାଠ କରାଯାଇଥିଲା। ଏହି ପର୍ବରେ ରାଜନଗର ବିଧାୟକ ଧ୍ରୁବ ସାହୁ, ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ସରପଞ୍ଚ କୈଳାସ ପରିଡା, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରୁଣ ସାହୁ, ବରିଷ୍ଠ ନେତା ଦିଲ୍ଲୀପ ପାତ୍ର, ନବକିଶୋର ପାତ୍ର, ରମଣୀ ରଞ୍ଜନ ବଳ, ବିଜୟ ନାୟକ, ବସ୍ତିର ମୁରବି ସେକ ମହମ୍ମଦ, ସେକ ଉସମାନ, ସେକ କାଲୁ, ସେକ ମୁଦିଆ, ସେକ ରାଜୁ, ସେକ କାଲା, ଯୁବନେତା ସର୍ବେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ତାଳଚୁଆର ଜ୍ୟୋତିପ୍ରସାଦଠାରେ ଇଦ ପର୍ବ ପାଳନ କରାଯିବା ସହିତ ସମୂହ ନମାଜ ପାଠ କରାଯାଇଛି। ମୁସଲିମ ବସ୍ତିରେ ପରସ୍ପରକୁ ଅଭିନନ୍ଦନ ଜଣାଇଥିଲେ। ଏଥିରେ ବିଧାୟକ ଶ୍ରୀ ସାହୁଙ୍କ ସହିତ ଉପାଧ୍ୟକ୍ଷ ଗଣେଶ ଗୁଡ଼ିଆ, ଅଶୋକ ମହାନ୍ତି, ନିରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେପି ନେତାଙ୍କୁ ସରକାରୀ ଓକିଲଙ୍କ ସମ୍ବର୍ଦ୍ଧନା

ପଟ୍ଟାମୁଣ୍ଡାଇ,୨୧।୩(ସମିସ): ପଟ୍ଟାମୁଣ୍ଡାଇର ବିଭିନ୍ନ କୋର୍ଟ ଓ ତହସିଲରେ ସରକାରୀ ଓକିଲ ଭାବେ ନିଯୁକ୍ତି ପାଇଥିବା ଓକିଲମାନେ ଆଜି ରାଜନଗର ବିଜେପି ବିଧାୟକ ପ୍ରାର୍ଥୀ ଯୁବନେତା ଲଳିତ ବେହେରାଙ୍କୁ ତାଙ୍କ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରିବା ସହିତ ସମ୍ବର୍ଦ୍ଧିତ କରିଛନ୍ତି। ପଟ୍ଟାମୁଣ୍ଡାଇ ବିଜେପି ଯୁବନେତା ମିଟୁ ମନୋଜ ନାୟକଙ୍କ ସହିତ ବରିଷ୍ଠ ସରକାରୀ ଓକିଲ ସୁରେଶ କୁମାର ନରେନ୍ଦ୍ର, ପ୍ରମୋଦ ସାହୁ, ଭବାନୀଶଙ୍କର ପଣ୍ଡା, ଶାନ୍ତିଭୂଷଣ ଭୂୟାଁ, ଧୀରେନ୍ଦ୍ର ସାହୁ,



ଶିଶିର ମଲିକ, ପ୍ରଣତୀ ଦାସ ଓ ଚିତ୍ତରଞ୍ଜନ ଦାଶ ପ୍ରମୁଖ ଶ୍ରୀ ବେହେରାଙ୍କୁ ଭେଟି ସମ୍ବର୍ଦ୍ଧିତ କରିଥିଲେ।

## ପେଣ୍ଠରେ ବିଶ୍ୱ ବନ ଦିବସ

ରାଜନଗର,୨୧।୩(ସମିସ): ରାଜନଗର ବନ ବିଭାଗ ପକ୍ଷରୁ ପେଣ୍ଠଠାରେ ବିଶ୍ୱ ବନ ଦିବସ ପାଳିତହୋଇଯାଇଛି।ଡିଏଫଓଭର୍ଦରାଜଗାଓଁକରଉଦଘାଟନକରିବାସହିତବିଶ୍ୱବନଦିବସର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଗବେଷକ ପ୍ରସନ୍ନ ନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜନଗର ତହସିଲଦାର ଯୀଶୁକ୍ରିଷ୍ଟ ଦାସ ମୁଖ୍ୟବକ୍ତା, ସମ୍ମାନିତ ବକ୍ତା ରୂପେ ଗାଳ୍ପିକ ପ୍ରଦୀପ ନାୟକ, ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ, ଅଧ୍ୟାପକ ପ୍ରସନ୍ନ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଏସିଏଫ ଗଗନ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ସକାଳୁ ଛାତ୍ରୀଛାତ୍ରଙ୍କ ପକ୍ଷରୁ ପେଣ୍ଠ ବେଳାଭୂମିକୁ ସଫେଇ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା, ଗହୀରମଥା ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ବିଜୟ ପାତ୍ର, ସୁନୀଲ ରାଉତରାୟ, ରଞ୍ଜନ ପାଣି ପ୍ରମୁଖ ପରିଚାଳନା କରିଥିଲେ। ବିଶ୍ୱ ବନ ଦିବସ ଅବସରରେ ଆୟୋଜିତ ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଅଧିକାର କୁନି ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟସ୍ତରୀୟ ପୁରସ୍କାର ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟକୁ ପ୍ରଦାନ କରାଯାଇଥିଲା।

### ଯକ୍ଷ୍ମା ସ୍କ୍ରିନିଂରେ କେନ୍ଦ୍ରାପଡ଼ା ରାଜ୍ୟରେ ପ୍ରଥମ

# ୬୭ ହଜାରରୁ ଅଧିକ ପରୀକ୍ଷା, ୪୪୫ ରୋଗୀ ଚିହ୍ନଟ

କେନ୍ଦ୍ରାପଡ଼ା,୨୧।୩(ସମିସ)

ଜିଲ୍ଲା ସ୍ୱାସ୍ଥ୍ୟ ବ୍ୟବସ୍ଥାର ସକ୍ରିୟ ପଦକ୍ଷେପର ପରିଣାମ ସ୍ୱରୂପ ଯକ୍ଷ୍ମା (ଟିବି) ସ୍କ୍ରିନିଂ କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲ୍ଲା ଓଡିଶାରେ ପ୍ରଥମ ସ୍ଥାନ ଅଧିକାର କରିଛି। ୨୦୨୫ କ୍ୟାଲେଣ୍ଡର ବର୍ଷରେ ନାଟ୍ ମେସିନ୍ ମାଧ୍ୟମରେ ୬୭,୧୮୯ ଜଣଙ୍କ ସ୍ପୁଟମ ସାମ୍ପଲ ପରୀକ୍ଷା କରାଯାଇଥିବାବେଳେ ୪୪୫ ଜଣ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ହୋଇଥିବା ସମସ୍ତଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଛି। ଏହି ସଫଳତା ପାଇଁ ଜିଲ୍ଲାପାଳ ରଘୁରାମ ଆର. ଆୟର ସମସ୍ତ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ଓ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।




ଜିଲ୍ଲା ସ୍ୱାସ୍ଥ୍ୟ ସମିତି କେନ୍ଦ୍ରାପଡ଼ା ଆନୁକୂଲ୍ୟରେ ପୁରୁଣା ମେଡିକାଲ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ସେ ଏହି ତଥ୍ୟ ପ୍ରକାଶ କରିଥିଲେ। ବୈଠକରେ ମାତୃ ଓ ପ୍ରଜନନ ସ୍ୱାସ୍ଥ୍ୟ, ନବଜାତ ଶିଶୁ ଯତ୍ନ, ଶିଶୁ ମୃତ୍ୟୁ ସମୀକ୍ଷା, ଟିକାକରଣ, ପରିବାର ନିୟୋଜନ ଓ ପିସିପିଏନଡିଟି କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ଏଚପିଭି ଟୀକାକରଣ ମାଧ୍ୟମରେ ଜରାୟୁ କର୍କଟ ପ୍ରତିରୋଧ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଫେବୃଆରୀ ମାସରେ ଆଳି, କେନ୍ଦ୍ରାପଡ଼ା ଓ ରାଜନଗର ବ୍ଲକରେ ଘଟିଥିବା ଶିଶୁ ମୃତ୍ୟୁ ଘଟଣା ଉପରେ ମଧ ସମୀକ୍ଷା କରାଯାଇଥିଲା। ଆଶା ଓ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ଭୂମିକାକୁ ଗୁରୁତ୍ୱ ଦେଇ ମମତା ଦିବସକୁ ଅଧିକ ଗୁଣାତ୍ମକ ଭାବେ ପାଳନ କରିବା ସହ ସମସ୍ତ ଆବଶ୍ୟକ ପରୀକ୍ଷା, ଔଷଧ ଓ ଯୁଗ୍ମ ପରିଦର୍ଶନ ଜୋରଦାର କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏଥିସହ ଗର୍ଭବତୀଙ୍କ ପଞ୍ଜୀକରଣ, ଡାକ୍ତରଖାନାରେ ପ୍ରସବ ଓ ଜନ୍ମ ପରବର୍ତ୍ତୀ ଯତ୍ନକୁ ସୁଦୃଢ଼ କରିବା ସହ ବ୍ଲକ ସ୍ତରରେ ଯୁଗ୍ମ ବୈଠକକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପୁଷ୍ଟି ପୁନର୍ବାସ କେନ୍ଦ୍ରରୁ ଫେରୁଥିବା ଶିଶୁଙ୍କ ପାଇଁ ଅତିରିକ୍ତ ଖାଦ୍ୟ ସହାୟତା (ଫୁଡ୍ କିଟ୍) ପ୍ରଦାନ ବିଷୟରେ ମଧ ବୈଠକରେ ଚର୍ଚ୍ଚା ହୋଇଥିଲା। ଉକ୍ତ ବୈଠକରେ ସିଡିଏମଓ ଡା. ମନୋରଞ୍ଜନ ରାଉତ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ର, ଏଡିଏମ (ମେଡିକାଲ) ଡା. କିଶୋର ଚନ୍ଦ୍ର ମିଶ୍ରଙ୍କ ସହିତ ଜିଲ୍ଲା ଓ ବ୍ଲକ ସ୍ତରର ସ୍ୱାସ୍ଥ୍ୟ କର୍ମକର୍ତ୍ତା, ମେଡିକାଲ ଅଫିସର, ସିଡିପିଓ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ଉପସ୍ଥିତ ଥିଲେ। ଡା. ସୁକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବଛରାଇ ପଞ୍ଚାୟତ ବିଦ୍ୟାଳୟ ବାର୍ଷିକ ଉତ୍ସବ

ମାର୍ଶାଘାଇ,୨୧।୩(ସମିସ): ବଛରାଇ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କାଳନ୍ଦୀ ମଲ୍ଲିକ୍‌ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଶାନ୍ତ ବେଉରା, ମୁଖ୍ୟବକ୍ତା ମାର୍ଶାଘାଇ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ସୁକାନ୍ତ ପ୍ରଧାନ, ସମ୍ମାନିତ ଅତିଥି ସରପଞ୍ଚ ଛବିଲତା ସେଠୀ, ପଞ୍ଚସଖା ଶିକ୍ଷାସେତୁ କମିଟି ସଭାପତି ମାଧବ ନାୟକ, ପ୍ରାକ୍ତନ ପ୍ରଧାନଶିକ୍ଷକ ଜ୍ଞାନରଞ୍ଜନ ଦାସ, ପ୍ରତିଧାରା ଜେନା, ବରିଷ୍ଠ ଶିକ୍ଷୟିତ୍ରୀ କବିତା ମିଶ୍ର, ପ୍ରଭାତ ସେଠୀ ପ୍ରମୁଖ ଯୋଗଦେଇ ବିଦ୍ୟାର୍ଥୀଙ୍କୁ କରିଥିଲେ। ପଣ୍ଡିତ ଅରୁଣ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଧାନଶିକ୍ଷକ ଶ୍ରୀ ମଲ୍ଲିକଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ ସ୍ୱାଇଁ, ମୁଖ୍ୟବକ୍ତା ଲୋକନାଥ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଅଧ୍ୟାପିକା ବିଚିତ୍ରା ମଞ୍ଜରୀ ତ୍ରିପାଠୀ, ସମ୍ମାନିତ ଅତିଥି ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଅଧ୍ୟାପକ ଶୁଭେନ୍ଦୁ ବିଶ୍ୱାଳ, ସିଆରସିସି ଉତ୍କଳ ଦାସ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସୌମ୍ୟରଞ୍ଜନ ସ୍ୱାଇଁ, ଅଙ୍କିତ ସିଂହ, ସିଦ୍ଧାନ୍ତ ପତି, ସସ୍ମିତା ଦାସ, କବିତା ନାୟକ, ସୋନାଲି ସାମଲ, ସୁଶ୍ରୀ ଶୁଭଦର୍ଶିନୀ ଜେନା, ଅନୀଲ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ଦୁଇ ପେଷାଦାର ନିଶା ବେପାରୀ ଗିରଫ
# ୨୦ ଗ୍ରାମ ବ୍ରାଉନସୁଗର, ୩ ଲକ୍ଷ ଟଙ୍କା ଜବତ

## ସୁନା ଅଳଙ୍କାର ଓ ବାଇକ୍ ଜବତ

ଜଗତସିଂହପୁର,୨୧ା୩(ସମିସ)

ଜଗତସିଂହପୁର ଜିଲ୍ଲା ପୁଲିସକୁ ମିଳିଛି ବଡ଼ ସଫଳତା। ଏସ୍‌ଡିପିଓ ଆଜିଙ୍କ୍ୟ ବାବୁରାଓ ମାନେଙ୍କ ନେତୃତ୍ୱରେ ଗଠିତ ପୁଲିସ ଟିମ୍ ବିରିଡି ଥାନା ଅନ୍ତର୍ଗତ ଧାନକୁଦ ମାଉସୀ ମା' ମନ୍ଦିର ନିକଟରେ ଚଢ଼ଉ କରି ଦୁଇ ଜଣ ପେଷାଦାର ନିଶା ବେପାରୀଙ୍କୁ ଗିରଫ କରିଛନ୍ତି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମାଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ କୌଣସି ଏକ ସୂତ୍ରରୁ ଖବର ପାଇ ବିରିଡ଼ି ପୁଲିସର ଏକ ଟିମ୍ ଏସ୍‌ଡିପିଓ ଆଜିଙ୍କ୍ୟ ମାନେ ଏବଂ ବିରିଡି ଥାନା ଆଇଆଇସିଙ୍କ ନେତୃତ୍ୱରେ ଗତ ୨୦ ତାରିଖରେ ଧାନକୁଦ ମାଉସୀ ମା' ମନ୍ଦିର ନିକଟରେ ଚଢ଼ଉ କରିଥିଲେ। ଏହି ଚଢ଼ଉ ବେଳେ ସୂର୍ଯ୍ୟ ମାଧବ ବଳବନ୍ତ ରାୟ ଏବଂ ମୋହନ କୁମାର ମଲ୍ଲିକ ନାମକ ଦୁଇଜଣ ନିଶା ବେପାରୀଙ୍କୁ ପୁଲିସ କାବୁ କରିଥିଲା। ଏମାନଙ୍କ ଠାରୁ ୨୦ ଗ୍ରାମ ବ୍ରାଉନସୁଗର, ନଗଦ ୩ ଲକ୍ଷ ୧୧ ହଜାର ଟଙ୍କା, ଗୋଟିଏ ବାଇକ୍, ଦୁଇଟି ମୋବାଇଲ, ଦୁଇଟି ସୁନା ଚେନ୍ ଏବଂ ୪ଟି ସୁନା ମୁଦି ଜବତ ହୋଇଥିବା ଏସ୍‌ପି ଶ୍ରୀ ବର୍ମା ସୂଚନା ଦେଇଛନ୍ତି। ଜବତ ସାମଗ୍ରୀ ଗୁଡ଼ିକର ମୂଲ୍ୟ ୨୫ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏମାନେ ବାଲେଶ୍ୱର ଏବଂ ଜଳେଶ୍ୱର ଅଞ୍ଚଳର ଅଜଣା ବ୍ୟବସାୟୀଙ୍କ ଠାରୁ ବ୍ରାଉନସୁଗର ଆଣି ଜଗତସିଂହପୁର ଜିଲ୍ଲାରେ ବିକ୍ରି କରୁଥିଲେ ବୋଲି ପୁଲିସ ତଦନ୍ତରୁ ଜଣାପଡିଛି। ଗିରଫ ସୂର୍ଯ୍ୟ ମାଧବର ଘର ବିରିଡ଼ି ଥାନା ଅନ୍ତର୍ଗତ ସଢ଼େଇକଣା ଗ୍ରାମରେ ହୋଇଥିବା ବେଳେ ପୂର୍ବରୁ ତା' ନାମରେ ପାରାଦୀପ ଲକ୍ ଥାନା ଏବଂ ବିରିଡ଼ି ଥାନାରେ ମାମଲା ରହିଛି। ସେହିପରି ଗିରଫ ମୋହନର ଘର କିଶନନଗର ଥାନା ଅନ୍ତର୍ଗତ ବୋଦର (କଲରାବାଙ୍କ)ରେ ହୋଇଥିବା ବେଳେ ତା' ନାମରେ ମଧ୍ୟ ପୂର୍ବରୁ ବିରିଡ଼ି ଥାନାରେ ମାମଲା ରହିଥିବା ଏସ୍‌ପି ଶ୍ରୀ ବର୍ମା ସୂଚନା ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଗତ ୨୦୨୫ ମସିହାରେ ସ୍ପେଶାଲ ଡ୍ରାଇଭ 'ପ୍ରହାର' ମାଧ୍ୟମରେ ଜଗତସିଂହପୁର ପୁଲିସ ଅନେକ ନିଶା ବେପାରୀଙ୍କୁ ଗିରଫ କରିଥିବା ବେଳେ ବହୁ ପରିମାଣରେ ବ୍ରାଉନସୁଗର ଜବତ କରିଥିଲା। ଏବେ ଜଗତସିଂହପୁର ଜିଲ୍ଲାରେ ନିଶା ବ୍ୟବସାୟକୁ ଦମନ ପାଇଁ ପୁଲିସ ପକ୍ଷରୁ ଅପରେସନ 'ହ୍ୱାଇଟ ସ୍ୟାଡୋ-୧' ନାମରେ ନୂଆ ଅଭିଯାନ ଆରମ୍ଭ କରାଯାଇଛି ବୋଲି ଆଜି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଅଙ୍କିତ ବର୍ମା ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏସଡ଼ିପିଓ ଆଜିଙ୍କ୍ୟ ମାନେ, ଡିଏସପି ରଶ୍ମିରଞ୍ଜନ ଦାଶ ଏବଂ ବିରିଡି ଆଇଆଇସି ସୁଜାତା ବେହେରା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।



## ସହିଦ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ନାଉଗାଁ,୨୧ା୩(ସମିସ):ଜଗତସିଂହପୁର ଜିଲ୍ଲା ମାଇଁ ଭାରତ ଅର୍ଗାନାଇଜେସନ୍ ପକ୍ଷରୁ ନାଉଗାଁ ବ୍ଲକରେ ଆସନ୍ତା ୨୩ ତାରିଖରେ ସହିଦ ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନାଉଗାଁ ବ୍ଲକର ତିହୁଡ଼ା ସ୍ଥିତ ଉତ୍କଳଭାରାତୀ କଳାବିକାଶ କେନ୍ଦ୍ର ପରିସରରେ ଅନୁଷ୍ଠିତ ଏହି ବୈଠକରେ ମାଇଁ ଭାରତ ଅର୍ଗାନାଇଜେସନ୍‌ର ଜିଲ୍ଲା ଅଧିକାରୀ ନିଖିଲ କୁମାର କୁଲ୍ଲା, ଜିଲ୍ଲା ସଂଯୋଜକ ପବିତ୍ର କୁମାର ସୁବୁଦ୍ଧି, ଉତ୍କଳଭାରତୀ କଳାବିକାଶ କେନ୍ଦ୍ରର ଅଧ୍ୟକ୍ଷ ସୁକାନ୍ତ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସ୍ୱୟଂସହାୟକ ଗୋଷ୍ଠୀ, ସମାଜସେବୀ ମାନେ ସହଯୋଗ କରିବା ପାଇଁ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ନିବେଦନ କରିଛନ୍ତି। ଏଥିସହିତ ଏହି କାର୍ଯ୍ୟକ୍ରମରେ ଉକ୍ତ ଦିନ ନାଉଗାଁ ବ୍ଲକ କାର୍ଯ୍ୟାଳୟ ପରିସରରୁ ଏକ ପଦଯାତ୍ରା ବାହାରି ସହିଦ ମାନଙ୍କ ପାଇଁ ସ୍ଲୋଗାନ ଦେବାସହ ଲୋକମାନଙ୍କୁ ସଚେତନ କରିବା ସହିତ ନାଉଗାଁ ବଜାର ଦେଇ ତିହୁଡା ସ୍ଥିତ ମା'ଜାଗୁଳେଇଙ୍କ ମନ୍ଦିର ପରିସରରେ ପହଞ୍ଚି ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ କରାଯିବ। ଏହାସହିତ ଏହି ବ୍ଲକର ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ କରାଯିବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ମଧ୍ୟ କରାଯିବ ବୋଲି ସଂଗଠନ ପକ୍ଷରୁ ଏହି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି।

## ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜନକଲ୍ୟାଣ କାର୍ଯ୍ୟକ୍ରମ



ଜଗତସିଂହପୁର,୨୧ା୩(ସମିସ): ଆଜି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଯାତ୍ରୀମାନଙ୍କ ପାଇଁ ଜଳଯୋଗାଣ ସହିତ ସରକାରଙ୍କ ତରଫରୁ ଅମାନିଆ ଗାଡ଼ି ଚାଳକଙ୍କ ପାଇଁ ପ୍ରବର୍ତ୍ତନ ବାଧ୍ୟତାମୂଳକ ଯାଞ୍ଚ କାର୍ଯ୍ୟ ଆରମ୍ଭ କରାଯାଇଛି। ଯାତ୍ରୀମାନଙ୍କ ପାଇଁ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଜଗତସିଂହପୁର ବସ୍‌ଷ୍ଟାଣ୍ଡ ଏବଂ ଜଇପୁର ଛକରେ ଜଳଯୋଗାଣ ସହିତ ଅମାନିଆ ଗାଡ଼ି ଚାଳକଙ୍କ ପାଇଁ ସରକାର ଦ୍ୱାରା ଅନୁବନ୍ଧିତ ବିଜ୍ଞପ୍ତି ପାଇଁ ଚଳିତ ମାସ ୨୧ ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ପ୍ରବର୍ତ୍ତନ ବାଧ୍ୟତାମୂଳକ ଯାଞ୍ଚ କାର୍ଯ୍ୟ ଆରମ୍ଭ ହୋଇଛି। ଲୋକଙ୍କ ତୃଷ୍ଣା ମେଣ୍ଟାଇବା ସହିତ ଅମାନିଆ ଗାଡ଼ି ଚାଳକମାନେ ଯାଞ୍ଚ କାର୍ଯ୍ୟରେ ସାବାଡ଼ ହେବେ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଦୀପକ କୁମାର ସେଠୀ ଆଶାବ୍ୟକ୍ତ କରିଛନ୍ତି। ଏଥିରେ ମୋଟର ଯାନ ନିରିକ୍ଷକ ପ୍ରତାପ କୁମାର ବେହେରାଙ୍କ ସହିତ କନିଷ୍ଠ ମୋଟରଯାନ ନିରୀକ୍ଷକ ମନୋରମା ମାଝୀ ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ଆଇନ ସଚେତନତା କାର୍ଯ୍ୟକ୍ରମ




ଜଗତସିଂହପୁର,୨୧ା୩(ସମିସ): ଜଗତସିଂହପୁର ଜିଲ୍ଲା ଓ ଦୌରାଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ କଣ୍ଟାବଲ୍ଲଭପୁର ବାଳିକା ଉଚ୍ଚ ବିଦ୍ୟାଳୟ ଶ୍ରେଣୀ କକ୍ଷରେ ଆଇନ ସେବା ପ୍ରାଧିକରଣ ଦ୍ୱାରା ବାଲ୍ୟ ବିବାହ ଦୂର କରିବା ଉଦ୍ଦେଶ୍ୟରେ ନାଲ୍‌ସାର ଆଶା ସ୍କିମ୍ ୨୦୨୫ ଉପରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅତିଥି ପରିଚୟ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ସିଜେଏମ୍ ନିଳୀମା ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଆଇନ ସେବା ପ୍ରାଧିକରଣର ସଚିବ ବିଡିଡି ଚନ୍ଦନା ବାଲ୍ୟବିବାହ ନିରୋଧ ଆଇନ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ବିଦ୍ୟାଳର ଶିକ୍ଷକ, କର୍ମଚାରୀ ଓ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳିଥିଲେ।

## ନଦା ମହଲାରେ ଇଦ୍



ତିର୍ତ୍ତୋଲ,୨୧ା୩(ସମିସ): ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ବିସନପୁର ପଞ୍ଚାୟତ ନଦା ମହଲା ମସଜିଦଠାରେ ଇଦ୍ ପାଳିତ ହୋଇଯାଇଛି। ଏହି ଅବସରରେ ମୁସଲମାନ ସମ୍ପ୍ରଦାୟର ଜନସାଧାରଣ ପରସ୍ପରକୁ ଇଦ୍ ମୁବାରକ ଜଣାଇଥିଲେ। ମସଜିଦରେ ସାମୂହିକ ପ୍ରାର୍ଥନା କରାଯାଇଥିଲା। ଏଥିରେ ଆଜମ ଅଲ୍ଲୀ, ସବିର ଅଲ୍ଲୀ, ସେକ ସଲାଉଦ୍ଦିନ, ଜାକିର ଅଲ୍ଲୀ, ଆକ୍ୟୁବ ଅଲ୍ଲୀ, ଜାଭେଦ ଶେଖ, ସେକ ସହିଦ, ସେକ ସଫିକ, ସେକ ଇଦ୍ରିସ ଅଲ୍ଲିଙ୍କ ସମେତ ସ୍ଥାନୀୟ ଅଞ୍ଚଳର ମୁସଲମାନ ସମ୍ପ୍ରଦାୟର ଜନସାଧାରଣ ଯୋଗଦେଇଥିଲେ। ସେହିପରି ମୁଳି ସିଂ, ଜଗନ୍ନାଥପୁର, ରସୁଲପୁର, କୃଷ୍ଣାନନ୍ଦପୁର ଆଦି ଅଞ୍ଚଳରେ ମୁସଲମାନ ସମ୍ପ୍ରଦାୟର ଜନସାଧାରଣ ପକ୍ଷରୁ ଇଦ୍ ପାଳିତ ହୋଇଯାଇଛି।

## ଖାଲଗାଁ ବିଦ୍ୟାଳୟରେ ପଖାଳ ଦିବସ



ଜଗତସିଂହପୁର,୨୧ା୩(ସମିସ): ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖାଲଗାଁରେ ପଖାଳ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବୃକ୍ଷମଣିଷ କାର୍ତ୍ତିକ ଚନ୍ଦ୍ର ମୁଦୁଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନ୍‌ସାଫର ବୈଷୟିକ ଉପଦେଷ୍ଟା ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି, ସାମ୍ବାଦିକ ବିଧାନ ଚନ୍ଦ୍ର ରାଉଳ, ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରିଣୀ ଝରଣା ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅତୁଲ ବିକ୍ରମ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବଲ୍ଲଭ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ବୃକ୍ଷପ୍ରେମୀ କନକଲତା ପରିଡା ସ୍ୱାଗତଭାଷଣ ଓ ଅତିଥିମାନଙ୍କ ପରିଚୟ ପ୍ରଦାନ ସହିତ ପଖାଳ ସମ୍ପର୍କିତ ଏକ ମନଛୁଆଁ କବିତା ଓ ସଂଗୀତ 'ଆସ ଜୀବନଧନ ମୋର ପଖାଳ କଂସା' ଗାନ କରି ସମସ୍ତଙ୍କ ମନ ମୋହିଥିଲେ। ପ୍ରକୃତିବନ୍ଧୁ ରାଜକିଶୋର ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେପରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ବରେଣ୍ୟ ଅତିଥିଗଣ ଏବଂ ନିମନ୍ତ୍ରିତ ଅନ୍ୟ ସମସ୍ତେ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନ ସହିତ ଦହିପଖାଳ ଖାଇ ଆତ୍ମତୃପ୍ତି ଲାଭ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଆଲୋକ ରଞ୍ଜନ ଦଳାଇ, ପଦ୍ମଚରଣ ମାଳତୀ, ସଞ୍ଜୟ ମହାନ୍ତି, ସଭ୍ୟା ସସ୍ମିତା ସ୍ୱାଇଁ, ଶିକ୍ଷୟିତ୍ରୀ ମନୋରମା ରାଉତ ଓ ଲିପିକା ସ୍ୱାଇଁ, ବିଜୟ ମାଦଳୀ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ।

## ବିଜେଡି ବୁଦ୍ଧିଜୀବୀଙ୍କ ବୈଠକ



କୁଜଙ୍ଗ,୨୧ା୩(ସମିସ): ପାରାଦୀପ ନିର୍ବାଚନ ମଣ୍ଡଳୀ କୁଜଙ୍ଗ ବ୍ଲକରେ ବିଜେଡି ବୁଦ୍ଧିଜୀବୀଙ୍କ ବୈଠକ ବସି ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ରଣନୀତି ଖସଡ଼ା ପ୍ରସ୍ତୁତି କରାଯାଇଛି। ବ୍ଲକ୍ ବିଜେଡିର ନୂତନ ସଭାପତି ମନିନ୍ଦ୍ର ଗୁରୁ ସବୁ ବର୍ଗର ନେତାଙ୍କୁ ଏକାଠି କରି ଦଳକୁ ଅଧିକ ସଙ୍ଗଠିତ କରିବାରେ ସଫଳ ହୋଇଛନ୍ତି। କୁଜଙ୍ଗ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ପଙ୍କପାଳ ସ୍ଥିତ ଗଣପତି ପ୍ୟାଲେସଠାରେ ଅନୁଷ୍ଠିତ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଅତିଥି ଭାବେ ସମାଜସେବୀ ସଞ୍ଜୀବ କୁମାର ପଟ୍ଟନାୟକ, ଡ. ରଘୁନାଥ ସାହୁ, ପ୍ରଫୁଲ୍ଲ ପରିଡ଼ା, କୈଳାସ ଷଡ଼ଙ୍ଗୀ, ବିଜୟ ଖଟାଇ, ଯୁବନେତା ଶାନ୍ତି ସ୍ୱରୂପ ଦାସ, ଅରୁପ୍ରସାଦ ମହାନ୍ତି, ମାନସ ପରିଡ଼ା, ନନ୍ଦିନୀ ପଣ୍ଡା, ଦୁଷ୍ମନ୍ତ ମାଝୀ, ସୋସିଆଲ ମିଡିଆ ଜିଲ୍ଲା ସଂଯୋଜକ ରଞ୍ଜିତ କୁମାର ପଣ୍ଡା, ବିକ୍ରମ କେଶରୀ ରାଉତରାୟଙ୍କ ସହ ବହୁ ପଞ୍ଚାୟତର ବରିଷ୍ଠ କର୍ମକର୍ତ୍ତା ଯୋଗ ଦେଇଥିଲେ। ଆସନ୍ତା ଦିନରେ ବିଜୁ ଜନତା ଦଳର ସଂଗଠନକୁ ଶକ୍ତିଶାଳୀ କରିବା ସହ ବିଜେପି ସରକାରଙ୍କ ଏକଛତ୍ରବାଦ ଶାସନ ବିରୋଧରେ ସଂଗଠିତ ହୋଇ ଏହାର ପ୍ରତିବାଦ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାମଦାସ ମହାନ୍ତି, ବୃନ୍ଦାବନ ବାରିକ, ବିକ୍ରମ ନାରାୟଣ ଦାସ, ବିବେକାନନ୍ଦ ଦାସ, ସୁବ୍ରତ ପରିଜା, ମହେଶ୍ୱର ଦାସ, ସମ୍ବିତ ତ୍ରିପାଠୀ, ଶରତ କୁମାର ଜେନା, ସୁଶାନ୍ତ ଦାସ, ଶିଶିର ନାୟକ, ସଚିତ୍ର ମଲ୍ଲ, କ୍ଷୀରୋଦ ଦାସ, ଶ୍ରୀଧର ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ, ଗଗନ ସ୍ୱାଇଁ, ତପନ ଦାସ, ସୁଦାନ ବିଶ୍ୱାଳ, ଅଭୟ ବାରିକ ସମେତ ବହୁ ଦଳୀୟ କର୍ମୀ ଅଂଶଗ୍ରହଣ କରି ନିଜର ମତ ରଖିଥିଲେ। ଶେଷରେ ପଖାଳ ଦିବସ ପାଳନ କରାଯାଇଥିଲା।

## ଦାମୋଦର ରାଉତଙ୍କ ଦ୍ୱିତୀୟ ସ୍ମୃତିସଭା




ପାରାଦୀପ,୨୧ା୩(ସମିସ): ବିଶିଷ୍ଟ ଜନନେତା ତଥା ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଆଜି ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପାଳନ କରାଯାଇଛି। ଏନେଇ ଆଜି ସନ୍ଧ୍ୟାରେ ଟ୍ରଷ୍ଟ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ପାରାଦୀପ ପୌର ପରିଷଦର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ନଗର ବିଜୁ ଜନତା ଦଳର ସଭାପତି କୁମରବର ନାୟକ, ନାରୀନେତ୍ରୀ ସବିତା ମହାପାତ୍ର, ଚପଳା ସ୍ୱାଇଁ, କାଉନସିଲର ଜଗନ୍ନାଥ ରାଓ ଓ ପୂର୍ବତନ କାଉନସିଲର ଶଙ୍କର ପ୍ରସାଦ ରାଉତ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାଧାରଣ ସମ୍ପାଦକ ଚିନ୍ମୟ ରଞ୍ଜନ ପରିଡା, ଯୁବ ବିଜେଡି ନେତା ଆଲୋକ ମହାପାତ୍ର ଓ ଅଟଳ ପରିଡାଙ୍କ ସମେତ ବହୁ ଦଳୀୟ କର୍ମୀ ଓ ଦାମବାବୁଙ୍କୁ ଭଲ ପାଉଥିବା ଲୋକମାନେ ଉପସ୍ଥିତ ଥିଲେ। ଉପସ୍ଥିତ ବିଜେଡି ନେତାମାନେ ଦାମ ବାବୁଙ୍କ ଚିନ୍ତାଧାରା, ରାଜନୈତିକ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ।

ତାଙ୍କ ରାଜନୈତିକ ଜୀବନରେ ପାରାଦୀପର ପ୍ରତ୍ୟକ ଲୋକଙ୍କ ସହିତ ଅଙ୍ଗାଗୀ ଭାବେ ଜଡ଼ିତ ଥିଲେ।।ପାରାଦୀପ ବନ୍ଦରର ପ୍ରତିଷ୍ଠାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ବିଜୁ ବାବୁ ପାରାଦୀପରେ ବନ୍ଦର ପ୍ରତିଷ୍ଠା କରିବାରେ ଦେଖିଥିବା ସ୍ୱପ୍ନକୁ ଦାମବାବୁ ସାକାର କରିବାକୁ ଚେଷ୍ଟା କରି ଶେଷରେ ପାରାଦୀପରେ ଏକ ବନ୍ଦର ପ୍ରତିଷ୍ଠା ହୋଇ ପାରିଥିଲା। ଆଜି ଯାହା ଦେଶରେ ଏକ ପ୍ରମୁଖ ବନ୍ଦର ଭାବରେ ପରିଚିତ ହୋଇପାରିଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।

## ଯାତ୍ରୀ ବିଶ୍ରାମଗାର ପାଲଟିଛି ଗୋଦାମ ଘର

ରାଜକନିକା,୨୧ା୩(ସମିସ): ସରକାରୀ ଅର୍ଥ ବ୍ୟୟରେ ନିର୍ମିତ ଯାତ୍ରୀ ବିଶ୍ରାମଗାରକୁ ଜଣେ ବ୍ୟକ୍ତି ସମ୍ପୂର୍ଣ୍ଣ ଅକ୍ତିଆର କରି ସେଠାରେ ଗୋଦାମ ଘର କରିବା ଆମ ପ୍ରଶାସନିକ ସ୍ଥାଣୁତାକୁ ସ୍ପଷ୍ଟ ପ୍ରମାଣିତ କରୁଛି। ବ୍ଲକର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିବା ଏସବୁ ସାର୍ବଜନୀନ ସମ୍ପତ୍ତିରେ ସାଧାରଣ ଲୋକଙ୍କ କାରବାର ଓ ଅଧିକାରକୁ ବଞ୍ଚିତ କରି ଏହି ଛକରେ ଦୋକାନ କରିଥିବା ଜଳଧର ମଲିକ ନିଜର ବାସଗୃହ ଓ ଗୋଦାମ ଘର ଭଳି ବ୍ୟବହାର କରିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବସ୍ ଯାତ୍ରୀଙ୍କ ପାଇଁ ନିର୍ମିତ ହୋଇଥିବା ଏହି ଯାତ୍ରୀ ବିଶ୍ରାମଗାର ଅକ୍ତିଆର ହୋଇଥିବା ଜାଣି ବି କେହି ଏହାକୁ ବାରଣ ନ କରିବା ଓ ପଞ୍ଚାୟତ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ସେହି ବ୍ୟକ୍ତିଙ୍କ ଜବରଦଖଲରରେ ରହିଛି। ଏହାକୁ ମୁକ୍ତ କରି ସାଧାରଣ ଲୋକଙ୍କ ସେବାରେ ଲଗାଇବାକୁ ବ୍ଲକ ପ୍ରଶାସନକୁ ଅନୁରୋଧ କରାଯାଇଛି।

## କୁଜଙ୍ଗ ଜାମା ମସଜିଦରେ ଇଦୁଲ ଫିତର



କୁଜଙ୍ଗ,୨୧ା୩(ସମିସ): କୁଜଙ୍ଗ ବ୍ଲକ୍ କୁଜଙ୍ଗ ଜାମା ମସଜିଦରେ ଇଦୁଲ ଫିତର ପର୍ବ ପାଳିତ ହୋଇଛି। ସମସ୍ତ ସାହି ଅଞ୍ଚଳରେ ତୋରଣ ନିର୍ମାଣ ସହିତ ଆକର୍ଷଣୀୟ ସାଜସଜ୍ଜା କରାଯାଇଛି। ଶନିବାର ସକାଳେ ମୁସଲିମ ସମ୍ପ୍ରଦାୟର ଭାଇମାନେ ନବବସ୍ତ୍ର ପରିଧାନ କରି ମସଜିଦରେ ସମୂହ ନମାଜ ପାଠ କରିଥିଲେ। ନମାଜ ପାଠପରେ ସମୂହ କବରସ୍ଥାନରେ ପହଞ୍ଚି ପ୍ରାର୍ଥନା କରିଥିଲେ। ମସଜିଦ ନିକଟକୁ ଫେରି ମିଠା ଖାଇ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକ ଜଣାଇଥିଲେ। ଏହି ପବିତ୍ର ଦିନରେ ସମସ୍ତ ଗାଡି ଚାଳକ, ପଥଚାଳକମାନଙ୍କୁ ପାନୀୟ ଜଳ ଦାନ କରିଥିଲେ। ମୁଖ୍ୟଅତିଥି ଭାବେ କୁଜଙ୍ଗ ଓକିଲ ସଂଘର ପୂର୍ବତନ ସଭାପତି ସୁଶାନ୍ତ କୁମାର ପଟ୍ଟନାୟକ ଯୋଗଦେଇଥିଲେ। କୁଜଙ୍ଗ ମୁସଲମାନ ବସ୍ତିର ସର୍ଦ୍ଦାର ସେକ୍ ୱାସକ୍ ଉଲ୍ଲା, ତଜମୁଲ୍ ହୁସେନ୍ ମଲ୍ଲିକ୍, କଲ୍ଲିମ୍ ଉଲ୍ଲା, ସମ୍‌ସୁଦ୍ଦିନ୍ ଖାଁ, ଅବଦୁଲ୍ଲା ଖାଁ, ନିଆଜ୍ ଖାଁ, ସଲିମ୍ ଖାଁ, ମହମ୍ମଦ ସିରାଜ ଉଦ୍ଦିନ୍, ମହମ୍ମଦ ନିଜା ମୁଦ୍ଦିନ୍, ଇସୁଫ୍ ଅଲ୍ଲି, ଫିରୋଜ ଖାଁ, ସେହବାଜ୍ ଖାଁ ପ୍ରମୁଖ ଗରିବ ଲୋକମାନଙ୍କୁ ଫଳ, ବିସ୍କୁଟ ଓ ନୂଆବସ୍ତ୍ର ବଣ୍ଟନ କରିଥିଲେ।

## ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ବୈଠକ

ଡେରାବିଶ,୨୧ା୩(ସମିସ): ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ପରିସରରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ଡେରାବିଶ ବ୍ଲକ୍ ଶାଖା ବୈଠକ ଅନୁଷ୍ଠିତ ହୋଇଯାଇଛି। ମନୋଜ ପରିଡ଼ାଙ୍କ ସଭାପିତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ ତ୍ରିପାଠୀ ଯୋଗଦେଇ ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିବା ସହିତ ସମାଧାନ ବିଷୟରେ କହିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାରେ ଶ୍ରମିକ ମୃତ୍ୟୁକାଳୀନ ସହାୟତା ପ୍ରଦାନରେ ଅତ୍ୟଧିକ ବିଳମ୍ବ, ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଅନୁଦାନ ପ୍ରଦାନରେ ବିଳମ୍ବ, ଶ୍ରମିକଙ୍କ ଝିଅ ବିଭାଘର ସହାୟତା ରାଶି ଓ ଶିକ୍ଷା ସହାୟତା ରାଶି ପ୍ରଦାନରେ ଟାଳଟୁଳ ନୀତି, ମହିଳା ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ କରିବାରେ ହଇରାଣ କରିବା ଇତ୍ୟାଦି ସମସ୍ୟା ସମ୍ପର୍କରେ ଶ୍ରୀ ତ୍ରିପାଠୀ ଆଲୋଚନା କରିଥିଲେ। ଏସବୁ କାରଣ ପାଇଁ ନିର୍ମାଣ ଶ୍ରମିକଙ୍କ ଅସନ୍ତୋଷ ତୀବ୍ର ହେବାରେ ଲାଗିଥିବା ଶ୍ରୀ ତ୍ରିପାଠୀ ପ୍ରକାଶ କରିଥିଲେ। ବୈଠକରେ ହୃଷିକେଶ ଧଳ, ଧିରେନ ସାହୁ, ଚନ୍ଦ୍ରମଣି ପ୍ରଧାନ, ହରି ମାହାଳି, ମୃତ୍ୟୁଞ୍ଜୟ ଘଡ଼ାଇ ପ୍ରମୁଖ ଯୋଗ ଦେଇଥିବାବେଳେ ଭଗବାନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଭିନ୍ନକ୍ଷମଙ୍କୁ ସହାୟତା ଉପକରଣ ବଣ୍ଟନ



ଜଗତସିଂହପୁର,୨୧ା୩(ସମିସ): ଜଗତସିଂହପୁର ଜିଲ୍ଲାର ସୁପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଶ୍ରୀକୃଷ୍ଣ ଏକାଡେମୀରେ ଇଣ୍ଡିଆନ ଅଏଲ କର୍ପୋରେସନ ପକ୍ଷରୁ ଭିନ୍ନକ୍ଷମମାନଙ୍କୁ ସହାୟତା ଉପକରଣ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମ ଭାଇଭଉଣୀ ଓ ବରିଷ୍ଠ ବ୍ୟକ୍ତିମାନଙ୍କୁ ଏହି ଉପକରଣ ବଣ୍ଟନ କରିଥିଲେ। ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଅଏଲ ରିଫାଇନାରୀ କର୍ତ୍ତୃପକ୍ଷଙ୍କୁ ଜଗତସିଂହପୁରରେ ସିଏସ୍‌ଆର ଫଣ୍ଡ ଯୋଗାଇଦେବା ପାଇଁ ପୂର୍ବରୁ ନିବେଦନ କରିଥିଲେ। ଇଣ୍ଡିଆନ ଅଏଲ କର୍ପୋରେସନର ନିର୍ଦ୍ଦେଶକ ଏହାକୁ ଗୁରୁତ୍ୱ ଦେଇ ପ୍ରାୟ ୬୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ଉପକରଣ ପ୍ରଦାନ କରିଛନ୍ତି। ଜଗତସିଂହପୁର ବ୍ଲକର ୧୧୨ ଜଣ ଦିବ୍ୟାଙ୍ଗଙ୍କୁ ବ୍ୟାଟେରୀ ଚାଳିତ ଗାଡ଼ି, ଟ୍ରାଇସାଇକଲ, ୪୭ ଜଣ ବରିଷ୍ଠ ନାଗରିକଙ୍କୁ ଟ୍ରାଇସାଇକଲ, ଶ୍ରବଣ ଯନ୍ତ୍ର, ଅନ୍ୟାନ୍ୟ ଉପକରଣ, ନାଉଗାଁ ବ୍ଲକର ୪୪ ଜଣ ବିଦ୍ୟାଙ୍ଗଙ୍କୁ ବ୍ୟାଟେରୀ ଚାଳିତ ଗାଡ଼ି, ଟ୍ରାଇସାଇକଲ, ସମୁଦାୟ ୨୧୭ ଜଣ ବକ୍ତି ବିଶେଷଙ୍କୁ ଏବଂ ଅନ୍ୟାନ୍ୟ ଉପକରଣ ସମୁଦାୟ ୫୧୨ ଜଣଙ୍କୁ ଦିବ୍ୟାଙ୍ଗ ଉପକରଣ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷ ମନୋଜ ଭୋଇ ବ୍ଲକ ଅଧ୍ୟକ୍ଷ କନକପ୍ରଭା ଲେଙ୍କା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ଜଗତସିଂହପୁର ବ୍ଲକ ଉନ୍ନୟନ ଅଧିକାରୀ ଆଶୁତୋଷ ମିଶ୍ର, ଏବିଡିଓ ସୁନୀଲ କୁମାର ରାଉତରାୟ, ଇଣ୍ଡିଆନ ଅଏଲ ରିଫାଇନର ଆସିଷ୍ଟାଣ୍ଟ ମ୍ୟାନେଜର ସ୍ମୃତିରଞ୍ଜନ ମଲ୍ଲିକ, ଶ୍ରୀକୃଷ୍ଣ ଏକାଡେମୀର ପ୍ରଧାନ ଶିକ୍ଷକ ରାଇଚରଣ ତ୍ରିପାଠୀ, ଜୁନିୟର ମ୍ୟାନେଜର ବିକାଶ କୁମାର, ଅଡିଓଲୋଜିଷ୍ଟ ଗୁରୁଦତ୍ତ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ।

## ଗୋବିନ୍ଦପୁର ପାଣି ଟାଙ୍କି ଉଦ୍‌ଘାଟିତ



ଏରସମା,୨୧ା୩(ସମିସ): ଏରସମା ବ୍ଲକ୍ ଅନ୍ତର୍ଗତ ନାରଦିଆ ପଞ୍ଚାୟତର ଗୋବିନ୍ଦପୁର ଠାରେ ଥିବା ଓଭର ପାଣି ଟାଙ୍କି ଉଦ୍‌ଘାଟନ ହୋଇଯାଇଛି। ଟାଙ୍କିରୁ ଗ୍ରାମବାସୀଙ୍କ ପାଇଁ ଜଳ ଅର୍ପଣ କରାଯାଇଛି। ଏହି ଟାଙ୍କିରୁ ପାଣି ନେଉଥିବା ନାରଦିଆ ପଞ୍ଚାୟତର ସମସ୍ତ ଗାଁ, ଜନକଡେଇପୂର୍ ପଞ୍ଚାୟତର ନରସିଂହପୁର, ଗମ୍ଭାରିକଣ, ବଳରାମପୁର , ସୋମପୁର ପଞ୍ଚାୟତର ଗାରଡମଲ୍ଲ, ଗଡ ବିଶୁନପୁର୍ ପଞ୍ଚାୟତର ତାଲଙ୍ଗ ଗ୍ରାମବାସୀଙ୍କ ପାଇଁ ଜଳ ଅର୍ପଣ କରାଯାଇଥିଲା। ମୁଖ୍ୟଅତିଥି ରୂପେ ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରାଇ ଯୋଗ ଦେଇ ଜଳଅର୍ପଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ବିଧାୟକ ଶାରଦା ପ୍ରସନ୍ନ ଜେନା ଯୋଗଦେଇ ଗ୍ରାମବାସୀ ବିଶୁଦ୍ଧ ଜଳକୁ ଅପଚୟ ନ କରି ନିଜେ ପିଇବା ପାଇଁ ବ୍ୟବହାର କରିବା ଉଚିତ୍ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପାନୀୟ ଜଳ ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ପ୍ରକାଶ ଦାଶ, ଏରସମା ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଏରସମା ବିଡିଓ ଦାଶରଥି ଜେନା, ସ୍ଥାନୀୟ ସରପଞ୍ଚ ସୀମାଇ ଚରଣ ଭୋଳ, ସମିତିସଭ୍ୟ ପ୍ରଫୁଲ୍ଲ ପାଲ, ଜିଲ୍ଲା ପରିଷଦ ସଭ୍ୟ ପ୍ରଣବ ସ୍ୱାଇଁ ଯୋଗ ଦେଇ ଲୋକମାନେ ପିଇବା ପାଣିର ଅପବ୍ୟବହାର ନ କରିବାକୁ ଅନୁରୋଧ କରିଥିଲେ। ପାନୀୟ ଜଳ ଯୋଗାଣର ସହକାରୀ ଯନ୍ତ୍ରୀ ଗୁଲ୍ସନ୍ ମଲ୍ଲିକ, ବରିଷ୍ଠ ଯନ୍ତ୍ରୀ ପ୍ରମୋଦ ପରିଡ଼ା, ଯନ୍ତ୍ରୀ ତନ୍ମୟ ଦାସ ଯୋଗ ଦେଇ ସୁଦୂର ୫୦ କିଲୋମିଟର ଦୂର ଶିଖର ଠାରୁ ଦେବୀ ନଦୀରୁ ପାଣି ଅଣାଯାଇ ଆମ୍ବଶାଳଠାରେ ପରିଷ୍କାର କରାଯାଇ ପାଣିକୁ ଗ୍ରାମ ଗୁଡିକୁ ଯୋଗାଇ ଦିଆ ଯାଉଛି। ଏଣୁ ପାଣିକୁ ଅପବ୍ୟୟ ନ କରିବାକୁ ଉପସ୍ଥିତ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ। ପାଣିକୁ ନଷ୍ଟ ନ କରିବା ପାଇଁ ଏକ ଶପଥ କାର୍ଯ୍ୟକ୍ରମ କରାଯାଇଥିଲା। ଜଳ ହିଁ ଜୀବନ ଉପରେ କରାଯାଇଥିବା ପ୍ରବନ୍ଧରେ କୃତୀ ଛାତ୍ର ଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ସମସ୍ତ ଏମ୍‌ବିକେ, ସିଆର୍‌ପି ମାନେ ସହ ଯୋଗ କରିଥିଲେ।

● ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା

# ‘ଅପରାଧୀଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ଦିଆଯାଉ’

**ଢେଙ୍କାନାଳ, ୨୧।୩(ସମିସ):** କାମାକ୍ଷାନଗର ମହିଳା ମହାବିଦ୍ୟାଳୟର ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାର ଉଚ୍ଚସ୍ତରୀୟ ତଥା ନିରପେକ୍ଷ ତଦନ୍ତ କରି ଅପରାଧୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବାକୁ ଏଆଇଡିଏସଓ ପକ୍ଷରୁ ଦାବି କରାଯାଇଛି। ସଙ୍ଗଠନର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ଢେଙ୍କାନାଳ ଜିଲ୍ଲା ସଂଯୋଜକ ବିନୋଦ ସେଠୀ ଏକ ପ୍ରେସ ବିବୃତିରେ କହିଛନ୍ତି ଯେ ଗୋଟିଏ ପଟେ ପ୍ରଶାସନିକ ଅବ୍ୟବସ୍ଥା ତଥା ସମସ୍ତ ଆଇନଶୃଙ୍ଖଳା ବ୍ୟବସ୍ଥା ଦିଗହରା ହୋଇଥିବା ବେଳେ ଅନ୍ୟପଟେ ଅଶ୍ଳୀଳତା, ନଗ୍ନତା, ଅପସଂସ୍କୃତି ଓ ମାଦକ ଦ୍ରବ୍ୟର ବ୍ୟାପକ ପ୍ରଚାର ପ୍ରସାର ଫଳରେ ଯୁବ ସମାଜ ମାନସିକ ଭାରସାମ୍ୟ ହରାଉଛି। ସେହିପରି ନିକୃଷ୍ଟ ଭୋଗବାଦୀ ସଂସ୍କୃତିର ପ୍ରସାର ଓ ନୀତିନୈତିକାର ଚରମ ସଙ୍କଟ ଯୋଗୁଁ ଯୁବସମାଜ ସ୍ୱାର୍ଥପର ଓ ଆତ୍ମକୈନ୍ଦ୍ରିକ ହୋଇପଡୁଛି। ଏହାର ପରିଣତିରେ ରାଜ୍ୟରେ ନାରୀ ନିର୍ଯାତନା, ଦୁଷ୍କର୍ମ ଓ ହତ୍ୟା ତୀବ୍ରରୂପ ଧାରଣ କରୁଛି। ଏଣୁ ମୃତ ଛାତ୍ରୀଙ୍କ ପରିବାରକୁ ନ୍ୟାୟଦେବା ତଥା ଏହି ପରିସ୍ଥିତିର ମୁକାବିଲା ପାଇଁ ସରକାର ଉପଯୁକ୍ତ ପଦକ୍ଷେପ ନେବାରେ ଅବହେଳା କଲେ ଛାତ୍ର ଆନ୍ଦୋଳନକୁ ଶକ୍ତିଶାଳୀ କରାଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

# ମହିଳାଙ୍କୁ ହତ୍ୟା ଅଭିଯୋଗ

**ହିନ୍ଦୋଳ/ଖଜୁରିଆକଟା, ୨୧।୩(ସମିସ):** ହିନ୍ଦୋଳ ଥାନା କନ୍ତାମିଲା ପଞ୍ଚାୟତ ଧୋବଣୀନନ୍ଦର ଗ୍ରାମରେ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ମହିଳା ହେଲେ ଗ୍ରାମର ବୁଲା ସାହୁଙ୍କ ସ୍ତ୍ରୀ ଉତ୍ତମ ସାହୁ (୫୭)। ଅଭିଯୋଗ ଅନୁଯାୟୀ, ଶନିବାର ସକାଳ ୮ଟାରେ ଉତ୍ତମ ଗ୍ରାମର ଶଗରା ବିଲ ନିକଟ ମହୁଲଗଛ ନିକଟକୁ ଯାଇଥିଲେ। ଏହି ସମୟରେ ଗ୍ରାମର କୁନୁ ପରିଡ଼ା ଓ ତାଙ୍କର କିଛି ସହଯୋଗୀ ସେଠାରେ ପହଞ୍ଚିଥିଲେ। ପୂର୍ବ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଏହି ବଚସା ଉଗ୍ରରୂପ ଧାରଣ କରିଥିଲା। କୁନୁ ପରିଡ଼ା ଓ ତାଙ୍କ ସହଯୋଗୀ ଠେଙ୍ଗାରେ ଉତ୍ତମଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ହିନ୍ଦୋଳ ଡାକ୍ତରଖାନା ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଉତ୍ତମଙ୍କ ପୁଅ ତରଣୀସେନ ସାହୁ ହିନ୍ଦୋଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ଥାନା ଅଧିକାରିଣୀ ମମତା ସାମନ୍ତରାୟ ଘଟଣାର ତଦନ୍ତ କରୁଛନ୍ତି। ହିନ୍ଦୋଳ ଏସ୍‌ଡିପିଓ ସତ୍ୟକୁମାର ନନ୍ଦ ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ସୂଚନାଯୋଗ୍ୟ, ଉତ୍ତମଙ୍କ ଘରଡିହ ତଥା ଜମିବାଡ଼ିକୁ କେନ୍ଦ୍ରକରି ଗ୍ରାମର ଅନ୍ୟ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା।

କାମାକ୍ଷାନଗର କଲେଜ ଛାତ୍ରୀ ଦୁଷ୍କର୍ମ ଓ ହତ୍ୟା ଘଟଣା

# ଧରାପଡ଼ିଲା ମୁଖ୍ୟ ଅଭିଯୁକ୍ତ

**କାମାକ୍ଷାନଗର, ୨୧।୩(ସମିସ)**





ବହୁଚର୍ଚ୍ଚିତ କାମାକ୍ଷାନଗର ମହିଳା କଲେଜ ଯୁକ୍ତ ଦୁଇ ପ୍ରଥମବର୍ଷ ଛାତ୍ରୀ ଦୁଷ୍କର୍ମ ଓ ହତ୍ୟା ଘଟଣାର ତିନିଦିନ ପରେ ମୁଖ୍ୟ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଛି ପୁଲିସ। ସେ ହେଲେ କାମାକ୍ଷାନଗର ଥାନା

**ସିନ ରିକ୍ରିଏସନ ବେଳେ ସତ ଉଗାଳିଲା**

ସାଆନ୍ତାରାପୁର ଗ୍ରାମର ଗଙ୍ଗାଧର ପାତ୍ର (ଜଗା)। ଜଗାକୁ ଗିରଫ ପରେ ପୁଲିସ ସିନ ରିକ୍ରିଏସନ କରାଇଛି। ସିନ ରିକ୍ରିଏସନ ସମୟରେ ପୁଲିସ ଆଗରେ ଦୁଷ୍କର୍ମ ଓ ହତ୍ୟା ଘଟଣାର ସମ୍ପୂର୍ଣ୍ଣ କାହାଣୀ କହିଛି ଜଗା।

ଜଗା ପୁଲିସକୁ ଦେଇଥିବା ସୂଚନା ଅନୁଯାୟୀ, ଛାତ୍ରୀ ଜଣକ ୧୮ ତାରିଖ ବୁଧବାର କଲେଜରୁ ପରୀକ୍ଷା ଦେଇ କାମାକ୍ଷାନଗର ସହର ଜଗନ୍ନାଥ ବଜାର ଛକରେ ଛିଡ଼ା ହୋଇଥିଲେ। ଏହି ସମୟରେ ଜଗା ଏକ କାର ଯୋଗେ ସେଠାରେ ପହଞ୍ଚି ଛାତ୍ରୀଙ୍କୁ ସହର ନିକଟ ପଲ୍ଲୀ ଗ୍ରାମ ଜଙ୍ଗଲକୁ ନେଇଯାଇଥିଲା। ସେଠାରେ ଜଗା ଛାତ୍ରୀଙ୍କୁ ଦୁଷ୍କର୍ମ କରିଥିଲା। ଫଳରେ ଛାତ୍ରୀଙ୍କର ଅତ୍ୟଧିକ ରକ୍ତସ୍ରାବ ହୋଇଥିଲା। କିଛି ଅଘଟଣ ଆଶଙ୍କାରେ ଜଗା ଛାତ୍ରୀଙ୍କୁ କାମାକ୍ଷାନଗର ସହରକୁ ଆଣିଥିଲା। ମହିମାଟୁଙ୍ଗି ନିକଟରେ ପହଞ୍ଚିବା ପରେ ଛାତ୍ରୀଙ୍କ ପାଇଁ ନୂଆ ପ୍ୟାଣ୍ଟ ଓ ସାନିଟାରି ନାପକିନ ମଗାଇ ପୁଣି ଜଙ୍ଗଲକୁ ନେଇଯାଇଥିଲା। ତେବେ ଜଙ୍ଗଲରେ ପହଞ୍ଚିବା ପରେ ହଠାତ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବା ସହ ଅତ୍ୟଧିକ ରକ୍ତସ୍ରାବ ହୋଇଥିଲା। ଫଳରେ ସେଠାରେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ପରେ ଜଗା କୌଣସି ଉପାୟ ନ ପାଇ ପଲ୍ଲୀ ଗ୍ରାମ ଜଙ୍ଗଲରୁ ରାମେଶ୍ୱର ମନ୍ଦିର ରାମିଆଳ ନଦୀ ପଠାରେ ପହଞ୍ଚି ସେଠାରେ ଛାତ୍ରୀଙ୍କ ପାଇଁ କିଣିଥିବା ନୂଆ ପ୍ୟାଣ୍ଟ, ସାନିଟାରୀ ନାପକିନ ଫିଙ୍ଗି ଦେଇଥିଲା। କାର ଯୋଗେ ମୃତଦେହ ନେଇ ରାତି ପ୍ରାୟ ୧୧ଟାରୁ ୧୨ଟା ମଧ୍ୟରେ ସାରୁଆଳି ଗାଁ ନିକଟ ଜଙ୍ଗଲରେ ଫିଙ୍ଗି ଦେଇ ଫେରାର ହୋଇଯାଇଥିଲା। ଏହି ଘଟଣାରେ ଶୁକ୍ରବାର ପୁଲିସ ତିନିଜଣଙ୍କୁ ଅଟକ ରଖି ପଚରାଉଚରା କରିବା ସହ ଦୁଷ୍କର୍ମ ଓ ହତ୍ୟାରେ ବ୍ୟବହୃତ କାର୍ ଜବତ କରିଥିଲା। ଶନିବାର ଜଗାକୁ ଢେଙ୍କାନାଳ-କେଉଁଝର ଜିଲ୍ଲା ସୀମାରୁ ଜଣେ ସମ୍ପର୍କୀୟଙ୍କ ଘରୁ ଧରିବାରେ ସକ୍ଷମ ହୋଇଛି।

# ପୀଠରେ ବାସନ୍ତିକ ଦୁର୍ଗାପୂଜା



**ଢେଙ୍କାନାଳ, ୨୧।୩(ସମିସ):** ସ୍ଥାନୀୟ ଦେଉଳସାହିସ୍ଥିତ କୁବୁଲି ଟାଉନ୍ କନକଦୁର୍ଗା ପୀଠରେ ବାସନ୍ତିକ ଦୁର୍ଗାପୂଜା ଜାରି ରହିଛି। ଗୁରୁବାର ସ୍ଥାନୀୟ କମଗରା ଘାଟରୁ ପୂଜାର୍ଚ୍ଚନା କରାଯାଇ କଳସ ଯାତ୍ରା ପରେ ଅଧିବାସ ପୂଜା ଆରମ୍ଭ ହୋଇଥିଲା। ପରେ ଦେବୀସୁକ୍ତେନ ମହାସ୍ନାନ, ସୂର୍ଯ୍ୟପୂଜା, ମଣ୍ଡଳାଦି ଦେବତା ଆବାହନ, ଷୋଡ଼ଶ ଉପଚାର ପୂଜା, ଚଣ୍ଡୀପାଠ, ଶିବାଭିଷେକ, ପାର୍ବତ୍ୟାଅଗ୍ନି ସଂସ୍କାର ଓ ଘୃତଯଜ୍ଞ ଅନୁଷ୍ଠିତ ହୋଇଥିଲା। ୨୬ ତାରିଖ ପୂର୍ଣ୍ଣାହୁତି ଓ ୨୭ ତାରିଖ ବାସନ୍ତିକ ଦଶହରା ଓ ଅପରାଜିତା ପୂଜା ଅନୁଷ୍ଠିତ ହେବ।

**ଢେଙ୍କାନାଳ, ୨୧।୩(ସମିସ):** ସ୍ଥାନୀୟ କୈବଲ୍ୟ ବଜାର ଗାୟତ୍ରୀ ଶକ୍ତିପୀଠରେ ବାସନ୍ତିକ ନବରାତ୍ର ମହୋତ୍ସବ ୨୦୨୬ ପରମ ପୂଜ୍ୟ ଗୁରୁଦେବ ଯୁଗଦ୍ରଷ୍ଟା, ତପୋନିଷ୍ଠ, ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ଓ ପରମ ବନ୍ଦନୀୟା ମାତା ଭଗବତୀ ଦେବୀ ଶର୍ମାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି।



ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ପୂଜା ଅନୁଷ୍ଠିତ ହେଉଥିବାବେଳେ ୧୯ ତାରିଖ ଗୁରୁବାର ନବରାତ୍ର ସଙ୍କଳ୍ପ ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ୨୬ ତାରିଖ ଶୁକ୍ରବାର ଯଜ୍ଞ ସହ ପୂର୍ଣ୍ଣାହୁତି ଓ ପ୍ରସାଦସେବନ ଅନୁଷ୍ଠିତ ହେବ।

# ଜଳବାୟୁ ଓ ଶବ୍ଦ ପ୍ରଦୂଷଣ ଉଦ୍‌ବେଗଜନକ

**ଢେଙ୍କାନାଳ, ୨୧।୩(ସମିସ):** ଢେଙ୍କାନାଳ ଜିଲ୍ଲାରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କୁ ପୂର୍ବତନ ସାଂସଦ ମହେଶ ସାହୁ ଲିଖିତ ଅଭିଯୋଗ ଜଣାଇଛନ୍ତି। ଜଳବାୟୁ ଓ ଶବ୍ଦ ପ୍ରଦୂଷଣ ଜିଲ୍ଲାରେ ଅତ୍ୟନ୍ତ ଉଦ୍‌ବେଗଜନକ ହୋଇଛି। ଏ ନେଇ ଅନେକ ଧନଜୀବନ ନଷ୍ଟ ହେବା ସହ ବହୁ ବ୍ୟକ୍ତି ରୋଗଗ୍ରସ୍ତ ହେଉଛନ୍ତି। ଭାରତ ସରକାରଙ୍କ ନିୟମ ମୁତାବକ ଏହାର ନିୟନ୍ତ୍ରଣ ପାଇଁ ଦୃଷ୍ଟି ଆକର୍ଷଣ କରିବାସହ ଆବ୍ୟଶକ ପଦକ୍ଷେପ ନେବାକୁ ପୂର୍ବତନ ସାଂସଦ ସାହୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହାରାଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।



# ସମାଜସେବୀଙ୍କ ଦେହାନ୍ତରେ ଶୋକ



**ଗଁଦିଆ, ୨୧।୩(ସମିସ):** ଗଁଦିଆ ବ୍ଲକ ଷଡ଼ଙ୍ଗୀ ଗ୍ରାମର ପ୍ରାକ୍ତନ ସଭାପତି, ଷଡ଼ଙ୍ଗୀ ମଧ୍ୟ ଇଂରାଜୀ ବିଦ୍ୟାଳୟ, ଷଡ଼ଙ୍ଗୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ସମ୍ପାଦକ ସମାଜସେବୀ ନବକିଶୋର ବେହେରାଙ୍କ ଦେହାନ୍ତ ହୋଇଛି। ତାଙ୍କ ବିୟୋଗରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶାର ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ, ଗଁଦିଆ ସ୍ମୃତି ସଂସଦର ମୁଖ୍ୟ ଉପଦେଷ୍ଟା ଡ. ସମୀର କୁମାର ସାହୁ, ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶାର ଉପଦେଷ୍ଟା ତଥା ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ, ପୂର୍ବତନ ଗଁଦିଆ ବ୍ଲକ ଅଧ୍ୟକ୍ଷା କୁନିଲତା ଦେହୁରୀ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ରାସୋଳକୁ ଏନଏସି ଘୋଷଣା ଦାବିରେ ବିକ୍ଷୋଭ

**ଖଜୁରିଆକଟା, ୨୧।୩(ସମିସ):** ବିଜେଡି ସରକାର ସମୟରେ ରାସୋଳକୁ ଏନଏସି ଘୋଷଣା କରାଯାଇଥିଲେ ମଧ୍ୟ ତାହା କେବଳ ଘୋଷଣାରେ ସୀମିତ ରହିଗଲା। ରାଜ୍ୟରେ ବିଜେପି ସରକାର ଆସିବାରେ ବହୁ ନୂତନ ଏନଏସି ଘୋଷଣା କରିଥିଲେ ମଧ୍ୟ ଏଥିରେ ରାସୋଳର ନାଁ ନାହିଁ। ସେହିପରି ବିଜେପି ସରକାର ଆସିବା ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରାସୋଳଠାରେ ସମସ୍ତ ଆନୁଷଙ୍ଗିକ ସୁବିଧା ଥାଇ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନେଇ ସରକାର ବିଜ୍ଞପ୍ତି ପ୍ରକାଶ କରିବା ସହ ସ୍ଥାନ ନିରୂପଣ କରିଥିଲେ। ତେବେ ଚଳିତ ବର୍ଷଠାରୁ ନାମଲେଖା ସହ ଶିକ୍ଷାଦାନ ଆରମ୍ଭ ଦାବିରେ ରାସୋଳ ଥାନା ସମ୍ମୁଖରେ ସଚେତନ ନାଗରିକଙ୍କ ପକ୍ଷରୁ ଏକ ପ୍ରତିବାଦ ସଭା କରାଯାଇଛି। ରାସୋଳରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବାକୁ ସମସ୍ତ ବ୍ୟବସ୍ଥା ଚୂଡ଼ାନ୍ତ ହୋଇଥିଲେ ମଧ୍ୟ ଏଯାବତ ବିଦ୍ୟାଳୟ ଆରମ୍ଭ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ରାସୋଳ ପ୍ରତି ବୈମାତୃକ ମନୋଭାବ କାହିଁକି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ତୁରନ୍ତ ରାସୋଳକୁ ଏନ୍‌ଏସି ଘୋଷଣା ଓ କେନ୍ଦ୍ରୀୟ ବିଦ୍ୟାଳୟ ଆରମ୍ଭ କରିବାକୁ ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏଥିରେ ୧୦ ପଞ୍ଚାୟତର ପ୍ରତିନିଧି, ସମାଜସେବୀ, ବୁଦ୍ଧିଜୀବୀ, ସାମ୍ବାଦିକ ଓ ସାମାଜିକ ଅନୁଷ୍ଠାନ ସାମିଲ ହୋଇଥିଲେ।



# ସରସ୍ୱତୀ ଶିଶୁ ମନ୍ଦିରର ୩ୟ ବାର୍ଷିକ ଉତ୍ସବ

**ଗଁଦିଆ, ୨୧।୩(ସମିସ):** ସନ୍ଥପୁର ପଞ୍ଚାୟତ ଡାଳସିଂହ ମାର୍ଥାପୁର ଗ୍ରାମସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଛି। ସନ୍ଧ୍ୟାରେ ବର୍ଣ୍ଣାଢ୍ୟ ପରିବେଶରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଜୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଢେଙ୍କାନାଳ ଜିଲ୍ଲା ଶିକ୍ଷା ଅଧିକାରୀ ମନୋରଞ୍ଜନ ଦଳେଇ, ମୁଖ୍ୟ ବକ୍ତା ଭାବେ ଗଁଦିଆ ଏବିଇଓ ସୁବାସ ଚନ୍ଦ୍ର ସ୍ୱାଇଁ, ସାମ୍ମାନିତି ଅତିଥି ଭାବେ ସନ୍ଥପୁର କ୍ଲଷ୍ଟର ସିଆରସିସି ଛାୟାକାନ୍ତ ବେହେରା, ଡାଳସିଂହ ମାର୍ଥାପୁର ଗ୍ରାମ୍ୟ କମିଟି ସଭାପତି ଶ୍ରୀବତ୍ସ ପରିଡ଼ା, ସମ୍ପାଦକ ପ୍ରମୋଦ କୁମାର ରାଉତରାୟ, ବିଧାରପୁର ଗ୍ରାମ୍ୟ କମିଟି ସଭାପତି ଭଗବାନ ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ରାଉତ ଅତିଥି ପରିଚୟ ପ୍ରଦାନ ସହ ବିଦ୍ୟାଳୟର ସମସ୍ୟା ଉପରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଦ୍ୟାଳୟର କୁନି ପିଲାମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଶେଷରେ ବିଦ୍ୟାଳୟର କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ଗୁଣ୍ଡିଚାପଡ଼ାରେ ଭାଇଚାରାର ପର୍ବ ଇଦ୍-ଉଲ-ଫିତର

**ଢେଙ୍କାନାଳ, ୨୧।୩(ସମିସ):** ସହର ଉପକଣ୍ଠ ଗୁଣ୍ଡିଚାପଡ଼ା ଅହମଦିୟା ମୁସଲିମ ଜାମା ମସଜିଦରେ ପାଳନ ହୋଇଛି ତ୍ୟାଗ ତପସ୍ୟା ତଥା ଭାଇଚାରାର ପର୍ବ ଇଦ-ଉଲ-ଫିତର। ମୌଲବୀ ମୁଜାଫର ଖାଁ ଇଦ ନମାଜ ପାଠ କରାଇଥିଲେ। ଧର୍ମ ଉପଦେଶ ଦେଇ ଇଦ-ଉଲ-ଫିତରର ମହାନ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଇଦ୍‌ର ଏହି ପର୍ବ ପବିତ୍ର ରମଜାନ ମାସର ଘୋର ତପସ୍ୟା, ତ୍ୟାଗ ଏବଂ ବ୍ରତ ପରେ ପ୍ରାପ୍ତ ହୋଇଛି ବୋଲି ସେ କହିଥିଲେ। ଗୁଣ୍ଡିଚାପଡ଼ା ଅହମଦିୟା ମୁସଲିମ ସମ୍ପ୍ରଦାୟର ସଭାପତି ସୁଲେମାନ ଅଲୀ ଖାଁ ଇଦ୍‌ର ମହିମା ବର୍ଣ୍ଣନା କରିବାକୁ ଯାଇ କହିଲେ, ଇଦ୍ ସମାଜରେ ସ୍ନେହ, ସୌହାର୍ଦ୍ଦ୍ୟ ତଥା ଭାଇଚାରା ଆଣିଥାଏ। ଚତୁର୍ଦ୍ଦିଗରେ ସୁଖଶାନ୍ତି ଓ ସମନ୍ୱୟର ବାତାବରଣ ସୃଷ୍ଟି କରିଥାଏ। ସେବା ଓ ସାହାଯ୍ୟର ଏହି ପର୍ବ ଆମକୁ ଦୁଃଖିର ଦୁଃଖ ବୁଝିବାକୁ ଅନୁପ୍ରାଣିତ କରିଥାଏ ବୋଲି ସେ କହିଥିଲେ। ଏହି ଅବସରରେ ସ୍ଥାନୀୟ ଗ୍ରାମ ଓ ମନ୍ଦିର ପରିଚାଳନା କମିଟି ସଭାପତି, ପୂର୍ବତନ ସଭାପତି, ଗୁଣ୍ଡିଚାପଡ଼ା ସରପଞ୍ଚ, ଭାରତୀୟ ସେନାର ଅବସରପ୍ରାପ୍ତ ଯବାନ ତୋରାବ ଖାଁ, ଅୟୁବ ଖାଁ, ସଲିମଉଦ୍ଦିନ ଖାଁ, ଶେଖ୍ ବଶିର, ମୌଲବୀ ଜଲାଲ ଉଦ୍ଦିନ ଖାଁ, ମହମୁଦ ଖାଁ, ଇଦ୍ରିସ ଖାଁ, ଶେଖ୍ ମୁବଶିର, ମହିଉଦ୍ଦିନ ଖାଁ, ପୂର୍ବ ପୁଲିସ ଅଧିକାରୀ ଫର୍ଜୁଲା ଖାଁ ଓ ଯୁବ ସଙ୍ଗଠନର ଅଧ୍ୟକ୍ଷ ସୋଲେମାନ ଖାଁ ପ୍ରମୁଖ ସମସ୍ତଙ୍କୁ ଇଦର ଶୁଭେଚ୍ଛା ଜଣାଇଥିଲେ।



# ବନାଗ୍ନି ପ୍ରତିରୋଧ ସଚେତନତା ବାର୍ତ୍ତା



**ଗଁଦିଆ, ୨୧।୩(ସମିସ):** ଜଙ୍ଗଲ ରହିଲେ ପରିବେଶ ସୁସ୍ଥ ହେବ। ଭଲ ବୃଷ୍ଟିପାତ ହେବ। ତେବେ ଗ୍ରୀଷ୍ମପ୍ରବାହ ସମୟରେ କିଛି ଖଳ ପ୍ରକୃତିର ବ୍ୟକ୍ତି ବିଡ଼ି, ସିଗାରେଟ ପିଇ ଫିଙ୍ଗିଦେବା ଦ୍ୱାରା ସେଥିରୁ ନିଆଁ ଲାଗି ଜଙ୍ଗଲ ନଷ୍ଟ ହେଉଛି। ଏଣୁ ପ୍ରତ୍ୟେକ ଜନସାଧାରଣ ବିଶ୍ୱ ଜଙ୍ଗଲ ଦିବସ ପାଳନ ଅବସରରେ ଏପରି ନ କରିବାକୁ ଶପଥ ନେବା ଆବଶ୍ୟକ। ଜଙ୍ଗଲରେ ନିଆଁ ଲାଗିଲେ ତୁରନ୍ତ ସ୍ଥାନୀୟ ବନାଞ୍ଚଳ ଅଧିକାରୀଙ୍କୁ ଜଣାଇବା ସହ ନିଜେ ଜଙ୍ଗଲ ସୁରକ୍ଷା କରିବା ପାଇଁ ଢେଙ୍କାନାଳ ଜିଲ୍ଲା ପ୍ରକୃତିବନ୍ଧୁ ସଂଗଠନର ସମ୍ପାଦକ ପ୍ରକୃତିବନ୍ଧୁ ହରିହର ସାହୁ ନିବେଦନ କରିଛନ୍ତି।

# ଆର୍ଟ ଅଫ ସ୍ମାଇଲିଂର ପ୍ରତିଷ୍ଠା ଦିବସ



**ଢେଙ୍କାନାଳ, ୨୧।୩(ସମିସ):** ସଦର ବ୍ଲକ ବୋରାପଦାସ୍ଥିତ ସରକାରୀ ଆଇଟିଆଇ ପରିସରରେ ମାଷ୍ଟର ଇଂ ସୌମ୍ୟବ୍ରତ ସାହୁଙ୍କ ନେତୃତ୍ୱରେ ଅନ୍ତର୍ଜାତୀୟ ଖୁସି ଦିବସ ତଥା ଆର୍ଟ ଅଫ୍ ସ୍ମାଇଲିଂର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ୨୦୧୩ରୁ ୟୁଏନ୍‌ଓ ପକ୍ଷରୁ ମାର୍ଚ୍ଚ ୨୦ ତାରିଖ ଏହି ଦିବସ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଇଟିଆଇ ପରିସରରେ ଛାତ୍ରଛାତ୍ରୀ ମାନେ ହସକଥା, କୌତୁକିଆ ଅଭିନୟ, ନୃତ୍ୟ, ଗୀତ ଓ ହସାସନ ଦ୍ୱାରା ଦିବସ ପାଳନ କରିଥିଲେ। ଆଇଟିଆଇର ଟ୍ରେନିଂ ଅଫିସର ନିରୁପମା ବେହେରା ଖୁସି ଦିବସ ପାଳନର ଆବଶ୍ୟକତା ଉପରେ ମତ ରଖିଥିଲେ। ଗୁରୁଦେବଜୀ ଫାଉଣ୍ଡେସନ ଅଧ୍ୟକ୍ଷ ଇଂ ସୌମ୍ୟବ୍ରତ ସାହୁ ତାଙ୍କ ବକ୍ତବ୍ୟରେ ଖୁସି ଜୀବନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମତ ପ୍ରକାଶ କରିଥିଲେ। ମହାଦେବ ବାହିନୀର ମନୋରଞ୍ଜନ ଜେନା ଜୀବନରେ ଆଧ୍ୟାତ୍ମିକତା ଓ ଭଜନ କୀର୍ତ୍ତନ ଖୁସି ପ୍ରଦାନ କରିଥାଏ ବୋଲି କହିଥିଲେ। ଆଇଟିଆଇର ଚେଞ୍ଜ ଲିଡର ଅନୀଲ କୁମାର ସାହୁ, ମହେଶ ପ୍ରଧାନ ଏବଂ ଅନ୍ୟ ତାଲିମଦାତା ଓ କର୍ମଚାରୀ ସହଯୋଗ କରିଥିଲେ।

# ପ୍ରିୟ କାର୍ଯ୍ୟାଳୟରେ ବିଶ୍ୱ ଡାଉନ ସିଣ୍ଡ୍ରୋମ ଦିବସ

**ଗଁଦିଆ, ୨୧।୩(ସମିସ):** ଗଁଦିଆ ବ୍ଲକ ଲାଉଲଇଠାରେ ପ୍ରିୟ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ନୂଆଦିଲ୍ଲୀ ନ୍ୟାସନାଲ ଟ୍ରଷ୍ଟ ଦ୍ୱାରା ବିଶ୍ୱ ଡାଉନ ସିଣ୍ଡ୍ରୋମ ଦିବସ ପାଳିତ ହୋଇଛି। ଏଥିରେ ପ୍ରିୟର ନିର୍ଦ୍ଦେଶକ ଟଙ୍କଧର ବାରିକ ଡାଉନ ସିଣ୍ଡ୍ରୋମ ଭିନ୍ନକ୍ଷମମାନଙ୍କ ଲକ୍ଷଣ ସମ୍ବନ୍ଧରେ ବୁଝାଇଥିଲେ। ମୁଖ୍ୟଅତିଥି ଭାବେ ଫିଜିଓଥେରାପିଷ୍ଟ ସାହିଲ ଆଫ୍ରିଡ, ପ୍ରକଳ୍ପ ସଂଯୋଜିକା ଇଲନପ୍ରଭା ସେନାପତି ଛବି ଓ ଚିତ୍ରାଙ୍କନ ମାଧ୍ୟମରେ ଶିକ୍ଷାଦାନ ସମ୍ବନ୍ଧରେ ବୁଝାଇଥିଲେ। ସମସ୍ତ ଶିଶୁଙ୍କୁ ବିସ୍କୁଟ, ପ୍ରୋଟିନ, ଔଷଧ ବଣ୍ଟନ କରାଯାଇଥିଲା। ମା’ମାନଙ୍କୁ ଦିବ୍ୟାଙ୍ଗ ପିଲାଙ୍କ ସଠିକ୍ ଦାୟିତ୍ୱ ନେବା ନିମନ୍ତେ ଫିଜିଓଥେରାପିଷ୍ଟ ନିବେଦିତା ନାୟକ ପରାମର୍ଶ ଦେଇଥିଲେ। ସତ୍ୟପ୍ରକାଶ ନାୟକ, ବର୍ଷାରାଣୀ ପ୍ରଧାନ, ଲକ୍ଷ୍ମୀପ୍ରିୟା ବେହେରା, ସୌଭାଗ୍ୟଲକ୍ଷ୍ମୀ ତରାଇ, ଅନ୍ନପୂର୍ଣ୍ଣା ଧଳ, ସ୍ୱାଗତିକା ରାଉତ, କୁସୁମିତା ବାଗ, ଲିପ୍ସା ସାହୁ, ସାବିତ୍ରୀ ସାହୁ, ବୈକୁଣ୍ଠନାଥ ପାତ୍ର, ରବୀନ୍ଦ୍ର କୁମାର ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ଗଁଦିଆ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଗଁଦିଆ, ୨୧।୩(ସମିସ)**




ଗଁଦିଆ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ଅରୁଣ କୁମାର ଓଝାଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସକାରାତ୍ମକ ସ୍ୱପ୍ନ ଦେଖି ମଣିଷ ପରି ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଗଁଦିଆ ବିଡିଓ ପବିତ୍ର କୁମାର ବେହେରା ଯୋଗଦେଇ ମଣିଷ ଜୀବନ ସବୁଠାରୁ ଶ୍ରେଷ୍ଠ ଜୀବନ ହୋଇଥିବାରୁ ଭଲ କାମ କରି ଜୀବନ ସୁଖମୟ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡା. ମହେଶ ପ୍ରସାଦ ରାଉତ, ଅବସରପ୍ରାପ୍ତ ସହକାରୀ ବନ ସଂରକ୍ଷକ ଉପେନ୍ଦ୍ର କୁମାର ରାଉତ, ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ଅମୀୟ କୁମାର ଜେନା, ଭାରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଦ୍ୟାଧର ପରିଡ଼ା ଯୋଗଦେଇଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ହରିହର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଅର୍ଚ୍ଚନା ସାହୁ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଶିକ୍ଷକ ମନୋଜ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସ୍ୱାତି ମିଶ୍ର, ମାମିନା ପୃଷ୍ଟି ଶ୍ଳୋକ ପାଠ କରିଥିଲେ। ଶିକ୍ଷକ କୋଦଣ୍ଡଧର ସାହୁ, ଦୁଷ୍ମନ୍ତ ସେଠୀ, ସନ୍ତୋଷ କୁମାର ପୃଷ୍ଟି, ନିର୍ମଳ ସାହୁ, ନୀହାରିକା ପାତ୍ରଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ‘ଆପ୍’ ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳିତ

**ଢେଙ୍କାନାଳ, ୨୧।୩(ସମିସ):** ଆମ ଆଦମୀ ପାର୍ଟି (ଆପ୍) ପକ୍ଷରୁ ଜିଲ୍ଲା ସଭାପତି ରମେଶ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଛି। ପ୍ରଥମେ କାମାକ୍ଷାନଗରରେ ମୃତ କଲେଜ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଜିଲ୍ଲାରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସମ୍ପର୍କରେ ଆଇନଜୀବୀ ରବୀନ୍ଦ୍ର ମୋହନ ତ୍ରିପାଠୀ ଆଲୋଚନା କରିଥିଲେ। ରାଜ୍ୟ ସଙ୍ଗଠନ ସମ୍ପାଦକ ଭରତ କୁମାର ଦାସ, ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ ଜିଲ୍ଲାର ସମସ୍ତ ଜିଲ୍ଲାପରିଷଦ ଜୋନ୍‌ରେ ପ୍ରାର୍ଥୀ ଚୟନ ଓ ନିର୍ବାଚନ ଲଢ଼ିବା ସମ୍ପର୍କରେ ଗୁରୁମନ୍ତ୍ର ଦେଇଥିଲେ। ରାଜ୍ୟ ସୋସିଆଲ ମିଡିଆ ପ୍ରଭାରୀ ବିଷ୍ଣୁପ୍ରସାଦ ପଣ୍ଡା ସୋସିଆଲ ମିଡିଆର ପ୍ରଭାବ ବିଷୟରେ ଆଲୋଚନା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ଜିଲ୍ଲା କୋଷାଧ୍ୟକ୍ଷ କବିଜ୍ୟୋତି ନିରଞ୍ଜନ ପତି, ସମ୍ପାଦକ ଅନିଲ ସାମଲ, ସଦର ନିର୍ବାଚନ ମଣ୍ଡଳୀ ସଭାପତି ଚିତ୍ତରଞ୍ଜନ ପାଣି, ଭରତ ସେନାପତି, ସୁନୀଲ ସାହୁ, ରଞ୍ଜୁବାଳା ନାଏକ, ରାଜନନ୍ଦିନୀ ହୋତା, ଅଞ୍ଜଳି ମହାନ୍ତି, ରୁକ୍ମିଣୀ ଦଳେଇ, ଶେଷଦେବ ବେହେରା, ପରଜଙ୍ଗ ବ୍ଲକ ସଭାପତି ବିଭୁରଞ୍ଜନ ସାହୁ, ସୁଜିତ ନାଏକ, ଅନିଲ ନାୟକ, ଜୟଦେବ ବେହେରା, ପୀତାମ୍ବର ସାମନ୍ତରାୟ, ପ୍ରସନ୍ନ ବରାଳ, ସୁଧନ୍ୟ ନାଏକ ପ୍ରମୁଖ ଯୋଗଦେଇ ଓଡ଼ିଆଙ୍କ ପ୍ରଧାନ ଖାଦ୍ୟ ପଖାଳ ପ୍ରତି ଆମର ନିବିଡ଼ତା ଏବଂ ତାହାର ଉପାଦେୟତା ବିଷୟରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜିତ ଦେହୁରୀ, ଜୟନ୍ତ ଦାସ, ମଳୟ ମହାରଣା, ଗତିକୃଷ୍ଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ସଦସ୍ୟ ଗଙ୍ଗାଧର ପୂର୍ତ୍ତିଙ୍କୁ ଆଦିବାସୀ ମୋର୍ଚ୍ଚା ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଶେଷରେ ସମସ୍ତେ ଏକାଠି ପଖାଳ ସେବନ କରିଥିଲେ। ଚିନ୍ତାମଣି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



# ଟ୍ରେଣ୍ଡରେ 'କୁହୁକିନୀ'...

ବର୍ତ୍ତମାନ ସୋସିଆଲ ମିଡିଆରେ ଟ୍ରେଣ୍ଡ କରୁଛି "କୁହୁକିନୀ କୁହୁକ କୁହୁ ତୁ... ସାଧବ ବୋହୂ ତୁ... ମନ ଉଆଁସରେ...ଏମିତି ରହିଥା...ହୃଦୟ ଭିତରେ ... I" ମୁକ୍ତିଲାଭ ଅପେକ୍ଷାରେ ଥିବା ନୂଆ ଓଡ଼ିଆ ସିନେମା 'କାଙ୍ଗୁଲା'ର ଏହା ହେଉଛି ଏକ ସୁନ୍ଦର, ମନଛୁଆଁ ରୋମାଣ୍ଟିକ୍ ଗୀତ I ଗୀତଟିରେ କଣ୍ଠଦାନ କରିଛନ୍ତି କୁଳଦୀପ ପଟ୍ଟନାୟକ I ସମ୍ବିତ ଓ ସୂର୍ଯ୍ୟମୟୀଙ୍କ ଉପରେ ଏହା ଦୃଶ୍ୟାୟିତ ହୋଇଛି I ଗୀତ ସହିତ ଦୁହିଁଙ୍କ ଯୋଡ଼ିକୁ ବି ଲୋକେ ଖୁବ୍ ପସନ୍ଦ କରିଛନ୍ତି I କେବଳ ସେତିକି ନୁହେଁ, ଏହି ଗୀତରେ ଏବେ ଲୋକେ ରିଲ୍ସ କରିବାକୁ ପଛାଇ ନାହାନ୍ତି I ସତ୍ୟନାରାୟଣ ପ୍ରଡକ୍ସନ ଏବଂ ସମ୍ବିତ ଆଚାର୍ଯ୍ୟଙ୍କ ଫିଲ୍ମ ବ୍ୟାନର୍‌ରେ ପ୍ରସ୍ତୁତ ଏହି ସିନେମାରେ କେବଳ ସମ୍ବିତ ଅଭିନୟ କରି ନାହାନ୍ତି, ବରଂ ପ୍ରଯୋଜନା ଭାର ସମ୍ଭାଳିଛନ୍ତି I ନିର୍ଦ୍ଦେଶନାରେ ଅଶ୍ୱିନୀ ତ୍ରିପାଠୀ ଥିବା ବେଳେ କାହାଣୀ ଓ ଚିତ୍ରନାଟ୍ୟରେ ଅଛନ୍ତି ଅମିତ କୁମାର ଦାସ I ସିନେମାର ସଂଗୀତରେ ଅଛନ୍ତି ବୈଦ୍ୟନାଥ ଦାସ, ଜେଏନ୍ ପଦ୍ମା ଏବଂ ସୁମିତ ଦୀକ୍ଷିତ I ଏହି ସିନେମାଟି ମା' କାଳୀଙ୍କ ଦଣ୍ଡନାଚକୁ ନେଇ ପ୍ରସ୍ତୁତ I ଫିଲ୍ମର ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି ସମ୍ବିତ ଓ ସୂର୍ଯ୍ୟମୟୀ I ସେହିପରି ଅଭିଷେକ ଗିରି, ସୁଶାନ୍ତ ଦାସ ମହାପାତ୍ର, ଶ୍ରୀତମ ଦାସ, ପୁପିନ୍ଦର, ପ୍ରଦ୍ୟୁମ୍ନ ଲେଙ୍କା ପ୍ରମୁଖ କଳାକାର ଅଛନ୍ତି I ତେବେ ସିନେମାର 'କୁହୁକିନୀ' ଗୀତର ସଫଳତାକୁ ଦେଖି ଅନୁମାନ କରାଯାଉଛି ଯେ, ସିନେମାଟିକୁ ଦର୍ଶକଙ୍କ ଭଲପାଇବା ମିଳିବ I ■



# ଗୋଟିଏ ଦିନରେ ଡବଲ ପ୍ରିମିୟର 'ଦୁର୍ଗା'




ଆଜି ଜି ସାର୍ଥକରେ ଓଡ଼ିଆ ଚଳଚ୍ଚିତ୍ର 'ଦୁର୍ଗା'ର ଗୋଟିଏ ଦିନରେ ଡବଲ୍ ପ୍ରିମିୟର ହେବ I ଦର୍ଶକଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ଦିନ ୨ଟାରେ ଏବଂ ପୁଣିଥରେ ସନ୍ଧ୍ୟା ୬ଟା ୩୦ରେ ପ୍ରସାରିତ ହେବ I 'ଦୁର୍ଗା' ହେଉଛି ଏକ ଗାଉଁଲି ଝିଅର ସଂଘର୍ଷମୟ ଜୀବନ କାହାଣୀ I ଯିଏ ପରସ୍ଥିତିରେ ପଡି ସହରର ଏକ ପ୍ରଭାବଶାଳୀ ବ୍ୟକ୍ତି ସହ ବିବାହ କରିଛି I ହେଲେ ବିବାହ ପରେ ତା' ଜୀବନରେ ଘୋଟି ଆସେ ଏକ କଳା ବାଦଲ I ନିଜ ସନ୍ତାନକୁ ହତ୍ୟା କରିବାର ମିଥ୍ୟା ଆରୋପରେ ସେ ଆଜୀବନ କାରାଦଣ୍ଡ ଭୋଗୁଥିବା ବେଳେ ନ୍ୟାୟ ପାଇଁ ଆରମ୍ଭ ହୁଏ ଏକ ଅଦ୍ଭୁତ ଲଢ଼େଇ I ଏଥିରେ ଦୁର୍ଗା ଭୂମିକାରେ ପୁନମ ମିଶ୍ରଙ୍କ ସହିତ ନେଗେଟିଭ୍ ଚରିତ୍ର 'ରାଣା' ଭୂମିକାରେ ରାଜ୍ ରାଜେଶ, ସଙ୍ଗୀତଜ୍ଞ 'ଶଙ୍କର' ଭୂମିକାରେ ଅଭିଷେକ ଗିରି ଏବଂ ଦୁର୍ଗାକୁ ନ୍ୟାୟ ଦେବା ପାଇଁ ଅଣ୍ଟା ଭିଡିଥିବା ସାହସୀ ଓକିଲ 'ଅର୍ଚ୍ଚନା' ଭୂମିକାରେ ପ୍ରସିଦ୍ଧ ଅଭିନେତ୍ରୀ ଇଶା ତଲୱାର ନିଜର ଦମଦାର ଅଭିନୟ ପ୍ରଦର୍ଶନ କରିଛନ୍ତି I ■

# ଓଡ଼ିଶାରେ ବଙ୍ଗୀୟ ସୁନ୍ଦରୀ ପ୍ରାନ୍ତିକା



ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଏବେ ନୂତନ ମୁହଁମାନଙ୍କ ମଧ୍ୟରେ ବଙ୍ଗୀୟ ସୁନ୍ଦରୀ ପ୍ରାନ୍ତିକା ଦାସ ନିଜ ସୌନ୍ଦର୍ଯ୍ୟ ଓ ଅଭିନୟ କୁଶଳତାରେ ଆକର୍ଷଣ ସୃଷ୍ଟି କରୁଛନ୍ତି I ପ୍ରାନ୍ତିକା ଖୁବ୍ ଶୀଘ୍ର ଓଡ଼ିଆ-ବଙ୍ଗଳା-ହିନ୍ଦୀ ଭାଷାରେ ନିର୍ମିତ ଚଳଚ୍ଚିତ୍ର 'ବିବାହ ଡଟ୍ କମ୍'ରେ ମୁଖ୍ୟ ଅଭିନେତ୍ରୀ ଭାବେ ନଜର ଆସିବେ I ଏହି ଚଳଚ୍ଚିତ୍ରରେ ତାଙ୍କ ସହ ମୁମ୍ବାଇ ଅଭିନେତା ରାଜେଶ ଶର୍ମା, ପୁଷ୍ପା ପଣ୍ଡା, ଅଭିଷେକ ଗିରି ଓ ଅଙ୍କିତ କୁମାର ଅଭିନୟ କରୁଛନ୍ତି I ଚଳଚ୍ଚିତ୍ରଟିକୁ ଅରବିନ୍ଦ ମିଶ୍ର ପ୍ରଯୋଜନା କରୁଥିବା ବେଳେ ଆପ୍ପୁ କାନୁନଗୋ ନିର୍ଦ୍ଦେଶନା ଦେଉଛନ୍ତି I ମଡେଲିଂ ଜଗତରୁ ଆରମ୍ଭ ହୋଇଥିବା ପ୍ରାନ୍ତିକାଙ୍କ କଳାଯାତ୍ରା ଏବେ ଧୀରେ ଧୀରେ ଚଳଚ୍ଚିତ୍ର ପରଦାରେ ମଧ୍ୟ ପ୍ରସାରିତ ହେଉଛି I ପଶ୍ଚିମବଙ୍ଗରେ ଜନ୍ମିତ ପ୍ରାନ୍ତିକା ଛୋଟବେଳୁ ନୃତ୍ୟ ଓ ଅଭିନୟ ପ୍ରତି ଆଗ୍ରହ ଦେଖାଇଥିଲେ I ପଢ଼ା ସହିତ ସେ ଫେଶନ ଓ ମଡେଲିଂ ମାଧ୍ୟମରେ ନିଜର ପ୍ରତିଭାକୁ ଆଗକୁ ଆଣିଥିଲେ I ମଡେଲିଂରେ ସଫଳତା ପରେ ପ୍ରାନ୍ତିକା ଚଳଚ୍ଚିତ୍ର ଓ ମ୍ୟୁଜିକ୍ ଭିଡିଓ ମାଧ୍ୟମରେ ମଧ୍ୟ ନିଜ ଯାତ୍ରାକୁ ଆଗକୁ ବଢ଼ାଇଛନ୍ତି I ଭଲ କାହାଣୀ ଓ ଶକ୍ତିଶାଳୀ ଚରିତ୍ର ମିଳିଲେ ଅଭିନୟ ମାଧ୍ୟମରେ ନିଜକୁ ପ୍ରମାଣ କରିବାର ଇଚ୍ଛା ରଖନ୍ତି ପ୍ରାନ୍ତିକା I ଓଡ଼ିଶାର ସଂସ୍କୃତି, ସଙ୍ଗୀତ ଓ ଚଳଚ୍ଚିତ୍ର ପ୍ରତି ପ୍ରାନ୍ତିକାଙ୍କର ବିଶେଷ ଆଗ୍ରହ ରହିଛି I ତାଙ୍କର ଚଳଚ୍ଚିତ୍ର ଯାତ୍ରା ଆରମ୍ଭ ହୋଇଥିଲା ତେଲୁଗୁ ଚଳଚ୍ଚିତ୍ର 'ସଦା ନି ପ୍ରେମାଲୁ'ରୁ I ସେ ଅନେକ ବଙ୍ଗଳା ଚଳଚ୍ଚିତ୍ର ଓ ଓଟିଟି ପ୍ରକଳ୍ପରେ ଅଭିନୟ କରିଛନ୍ତି I ହିନ୍ଦୀ ସିନେମା 'ଭୁଲ୍ ଭୁଲୈୟା-୩' ସହିତ ସେ ଜଡ଼ିତ I ତାଙ୍କ ଅଭିନୟ ଦକ୍ଷତା, ଆତ୍ମବିଶ୍ୱାସ ଓ ବିଭିନ୍ନ ଚରିତ୍ର ଚୟନ ତାଙ୍କର ଭବିଷ୍ୟତ ଯାତ୍ରାକୁ ଆହୁରି ଦୃଢ଼ କରିବ ବୋଲି ଆଶା କରାଯାଉଛି I ■

# ପରଦା ପଛର କାହାଣୀ

## ଅମିରଙ୍କୁ ଚାହୁଁ ନ ଥିଲେ ପ୍ରଯୋଜକ



୨୦୦୬ ମସିହାରେ ମୁକ୍ତିଲାଭ କରିଥିଲା ଫିଲ୍ମ 'ଫନା' I ଏହି ଫିଲ୍ମଟି ବକ୍ସ ଅଫିସ୍‌ରେ ସୁପରହିଟ୍ ହୋଇଥିଲା I ଅମିର ଖାନ୍ ଓ କାଜଲଙ୍କ ଅଭିନୀତ ଏହି ଫିଲ୍ମକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ I ଫିଲ୍ମର ଗୀତଗୁଡ଼ିକ ମଧ୍ୟ ସୁପରହିଟ୍ ହୋଇଥିଲା I ତେବେ 'ଫନା'କୁ ନେଇ ଏକ ରୋଚକୀୟ କଥା ପ୍ରକାଶ ପାଇଛି I ପ୍ରଯୋଜକ ଆଦିତ୍ୟ ଚୋପ୍ରା ସୁପରଷ୍ଟାର୍ ଅମିର ଖାନ୍‌ଙ୍କୁ ଏହି ଫିଲ୍ମରେ କାଷ୍ଟ କରିବା ପାଇଁ ଚାହୁଁ ନଥିଲେ I ନିକଟରେ ଏସଂପର୍କରେ ନିର୍ଦ୍ଦେଶକ କୁନାଲ କୋହଲି ପ୍ରକାଶ କରିଛନ୍ତି I ଫିଲ୍ମରେ ଅମିର୍‌ଙ୍କୁ ନେବା ପାଇଁ ଆଲୋଚନା ଚାଲିଥିଲା I ତେବେ ଅମିର୍‌ଙ୍କ ଉପରେ ଆଦିତ୍ୟଙ୍କ ବିଶ୍ୱାସ ନଥିବା ସ୍ପଷ୍ଟ ହୋଇଥିଲା I ତେଣୁ ସେ କୋହଲିଙ୍କୁ ଅମିର୍‌ଙ୍କ ପଛରେ ପଡ଼ି ସମୟ ନଷ୍ଟ ନ କରିବା ପାଇଁ ପରାମର୍ଶ ଦେଇଥିଲେ I ଏଥିସହ ଫିଲ୍ମ ପାଇଁ ଅମିର୍ ମାସ ମାସ ଅପେକ୍ଷା କରାଇପାରନ୍ତି ବୋଲି କହିଥିଲେ I ହେଲେ କୁନାଲ ଫିଲ୍ମରେ ଅମିର୍‌ଙ୍କୁ କାଷ୍ଟ କରିବା ପାଇଁ ଜିଦ୍ ଧରି ବସିଥିଲେ I ଅମିର୍ ସ୍କ୍ରିପ୍ଟ ଶୁଣିବା ପରେ ସଙ୍ଗେ ସଙ୍ଗେ ଫିଲ୍ମ ପାଇଁ ରାଜି ହୋଇଯାଇଥିଲେ I ଏଥିସହ ସେ ସ୍କ୍ରିପ୍ଟକୁ ଉର୍ଦ୍ଦୁ ଭାଷାରେ ଲେଖିବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ I ଏହାଦ୍ୱାରା ଫିଲ୍ମ ସଂଳାପ ଆହୁରି ପ୍ରଭାବଶାଳୀ ହୋଇପାରିବ I ବାସ୍ତବରେ ଏପରି ମଧ୍ୟ ହୋଇଥିଲା I ଫିଲ୍ମ ମୁକ୍ତିଲାଭ କରିବା ପରେ ଏହାର ସଂଳାପ ଲୋକଙ୍କ ମୁହଁରେ ଥିଲା I ସେ ସମୟରେ ଅନେକ ପ୍ରେମିକ ମଧ୍ୟ ତାଙ୍କ ପ୍ରେମିକାଙ୍କୁ ଏହା ଶୁଣାଇଥିଲେ I ସେଥିମଧ୍ୟରୁ 'ହେଁମ୍‌ସେ ଦୂର ଯାଓଗେ କୈସେ...', 'ଦିଲ୍ ସେ ହେଁମେ ଭୁଲାଓଗେ କୈସେ...', 'ହମ୍ ବୋହ ଖୁସ୍‌ବୁ ହେ ଯୋ ସାଶୋ ମେଁ ବସତି ହେ...', 'ଖୁଦ୍ କି ସାଶୋଁକୋ ରୋକ୍ ପାଓଗେ କୈସେ...' ଆଦି ସଂଳାପ ଖୁବ୍ ହିଟ୍ ହୋଇଥିଲା I ଫିଲ୍ମରେ କାଜଲ୍ କାଶ୍ମୀର୍ ଝିଅ ଜୁନି ଭୂମିକାରେ ଅଭିନୟ କରିଥିଲେ I ସେହିପରି ଅମିର ଖାନ୍ ଏଥିରେ ଜଣେ ଆତଙ୍କବାଦୀ ଭୂମିକା ନିର୍ବାହ କରିଥିଲେ I ■

# ସାକ୍ଷାତକାର

## "ସଂଘର୍ଷ ହିଁ ସଫଳତା ଦିଏ"



ଅଭିନେତ୍ରୀ ହେବାକୁ ସେ ପିଲାଟି ଦିନରୁ ସ୍ୱପ୍ନ ଦେଖିଥିଲେ I କଲେଜରେ ପଢ଼ିବା ସମୟରେ ନୃତ୍ୟରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ I ଅଭିନୟ ଜଗତରେ ଭାଗ୍ୟ ପରୀକ୍ଷା କରିବାକୁ ସେ ଚାଲି ଆସିଥିଲେ ଭୁବନେଶ୍ୱରକୁ I ଅଭିନୟ ପାଇଁ ତାଲିମ ନେଲେ I ପରଦା ଉପରେ କାମ କରିବାକୁ ତାଙ୍କୁ କରିବାକୁ ପଡ଼ିଛି ଅନେକ ସଂଘର୍ଷ I ଏହି ଅଭିନେତ୍ରୀ ଜଣକ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ସୋରର ଅଲିଭା ଦାସ I ମ୍ୟୁଜିକ୍ ଭିଡ଼ିଓ, ୱେବ୍‌ସିରିଜ୍, ଧାରାବାହିକରେ ଅଭିନୟ କରିବା ପରେ ଏବେ ସେ ଫିଲ୍ମରେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି I ଖୁବ୍‌ଶୀଘ୍ର ତାଙ୍କ ଅଭିନୀତ 'ମୋହନ ଗିରି' ଚଳଚ୍ଚିତ୍ର ରିଲିଜ୍ ହେବାକୁ ଯାଉଛି I ଅଭିନୟ ଜଗତକୁ ଆସିବାକୁ ତାଙ୍କୁ କେତେ ସଂଘର୍ଷ କରିବାକୁ ପଡ଼ିଛି ଜାଣିବା ତାଙ୍କ ମୁହଁରୁ I

**ଅଲିଭା ଦାସ, ଅଭିନେତ୍ରୀ**

**ଅଭିନୟଯାତ୍ରା କେବେଠୁ ଆରମ୍ଭ ହେଲା?**

- ଛୋଟବେଳୁ ଅଭିନେତ୍ରୀ ହେବାକୁ ସ୍ୱପ୍ନ ଦେଖିଥିଲି I କଲେଜରେ ପଢ଼ିବା ସମୟରେ ଡ୍ୟାନ୍ସ କରୁଥିଲି I ଏହି ସାହସ ମୋତେ ଅଭିନେତ୍ରୀ ହେବାକୁ ସୁଯୋଗ ଦେଇଥିଲା I ପାଠପଢ଼ା ପରେ ଅଡିସନ୍ ଦେବାକୁ ଭୁବନେଶ୍ୱର ଆସିଲି I ଏଠାକୁ ଆସି ଅଭିନୟ କରିବାକୁ ତାଲିମ ନେଲି I 'ଉତ୍ତର ପୁରୁଷ' ଟିମ୍‌ରୁ ମୁଁ ଅଭିନୟ ଶିଖିଥିଲି I ଅନେକ ନାଟକ କରିଛି I 'ଭଲ ପାଇ ଭୁଲି ଗଲୁ', 'ସାତ ମେଘରେ' ଆଦି ପାଞ୍ଚଟି ମ୍ୟୁଜିକ୍ ଭିଡିଓ କରିଛି I ଅଡିସନ୍ ମାଧ୍ୟମରେ ପ୍ରଥମେ ଥର ପାଇଁ ମୋତେ ଧାରାବାହିକ 'ତୁ ମୋର ସାଥିରେ'ରେ କାମ କରିବାକୁ ସୁଯୋଗ ମିଳିଲା I ସେଥିରେ ମୁଁ ଅତିଥି କଳାକାର ଭାବେ ଅଭିନୟ ଆରମ୍ଭ କରିଥିଲି I ସେହି ଚରିତ୍ରଟି ମୋତେ ଆତ୍ମସନ୍ତୋଷ ଦେଇ ନ ପାରିବାରୁ ମୁଁ ପୁଣି ନାଟକ କରିଲି I 'ଅଶୋକ କୁମାର' ୱେବ୍‌ସିରିଜ୍‌ରେ କାମ କରିଛି I ସୌଭାଗ୍ୟବଶତଃ 'କୁହୁଡ଼ି', 'ଅପେକ୍ଷା' ପରି ସିନେମାରେ ଅଭିନୟ କରିବାକୁ ମୋତେ ସୁଯୋଗ ମିଳିଲା I ଏବେ ମୋ ଅଭିନୀତ 'ମୋହନ ଗିରି' ସିନେମା ରିଲିଜ୍ ଅପେକ୍ଷାରେ ରହିଛି I

**ପ୍ରଥମ ପାରିଶ୍ରମିକରେ କ'ଣ କରିଥିଲେ?**

- ମୋର ପ୍ରଥମ ପାରିଶ୍ରମିକରେ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲି I ମୋ ମା'ଙ୍କୁ କିଛି ଉପହାର ଦେଇଥିଲି I

**ଅଭିନେତ୍ରୀ ହେବାକୁ କେତେ ସଂଘର୍ଷ କରିବାକୁ ପଡ଼ିଛି?**

- ଓଲିଉଡ୍ ଇଣ୍ଡଷ୍ଟ୍ରିରେ ମୁଁ ଅନେକ ଥର ଅଡିସନ୍ ଦେଇଛି I ଆଉ ସେଥିରୁ ମୋତେ ରିଜେକ୍ଟ କରାଯାଇଛି I ତେବେ ମୁଁ ହାର୍ ମାନି ନ ଥିଲି I ମୋ କାମ ଉପରେ ମୋର ସମ୍ପୂର୍ଣ୍ଣ ଭରସା ଥିଲା I ତେଣୁ 'କୁହୁଡ଼ି' ଭଳି ସିନେମାରେ ମୋତେ ରିପୋର୍ଟର ଚରିତ୍ର ମିଳିଥିଲା I ଏହା ପରେ 'ଅପେକ୍ଷା' ସିନେମାରେ ନାୟକର ଭଉଣୀ ଭୂମିକାରେ ଅଭିନୟ କରିଛି I ଏହି ଚରିତ୍ରକୁ ଦର୍ଶକ ବହୁତ ସାରା ଭଲପାଇବା ଦେଇଥିଲେ I ଗୋଟେ କଥା କହିବି ସଂଘର୍ଷ ହିଁ ସଫଳତା ଦିଏ I ମୁଁ ଯେଉଁ ସଂଘର୍ଷ କରିଛି ତାହା ଯୋଗୁଁ ମୁଁ ଷ୍ଟ୍ରଙ୍ଗ ହୋଇପାରିଛି I ସଂଘର୍ଷ ହିଁ ମୋତେ ଆଗକୁ ନେବାକୁ ବହୁତ କିଛି କଥା ଶିଖାଇଲା I

**ସୁଟିଂ ନଥିଲେ କ'ଣ କରନ୍ତି?**

- ଡ୍ରଇଂ କରେ I ଗୀତ ଶୁଣି ଡ୍ୟାନ୍ସ କରେ I ପଢ଼ାପଢ଼ି କରେ I

**ପ୍ରତ୍ୟେକ ଚରିତ୍ରକୁ ଏତେ ଦମ୍‌ଦାର କେମିତି କରନ୍ତି?**

- ମୋ ଅଭିନୀତ ଦୁଇଟି ଫିଲ୍ମର ସ୍ୱତନ୍ତ୍ରତା ରହିଛି I ଉଭୟ ଫିଲ୍ମ ବାସ୍ତବ କାହାଣୀକୁ ନେଇ ତିଆରି ହୋଇଥିଲା I 'ଅପେକ୍ଷା'ରେ ଭଉଣୀ ଚରିତ୍ର 'ରାନି' ମିଳିବା ପରେ ମୁଁ ମୋ ନିଜକୁ ଭୁଲି ଭଉଣୀ ଚରିତ୍ରରେ ପଶିଥିଲି I ଏଥିରେ ମୁଁ ଆଉ ମୋ ବୋଉ ଭାଇକୁ ବହୁତ ସର୍ପୋଟ କରୁଛୁ I ଜଣେ ଭଲ ଭଉଣୀର ଚରିତ୍ର ନିଭାଇବାକୁ ମୁଁ ଚେଷ୍ଟା କରିଛି I ଏଥିପାଇଁ ନିୟମିତ ଦର୍ପଣ ସାମ୍ନାରେ ଅଭ୍ୟାସ କରୁଥିଲି I ମୋତେ ଯାହା ବି ଚରିତ୍ର ମିଳେ ତାହାକୁ ଜୀବନ୍ତ କରିବାକୁ ଆପ୍ରାଣ ଚେଷ୍ଟା କରେ I

**ଅପ୍‌କମିଂ ଫିଲ୍ମ 'ମୋହନ ଗିରି'କୁ ନେଇ କ'ଣ କହିବେ?**

- 'ମୋହନ ଗିରି' ଏକ ସମ୍ପୂର୍ଣ୍ଣ ଭିନ୍ନ ଧରଣର ସିନେମା I ଏଥିରେ ପୁନର୍ଜନ୍ମ କଥା ଦେଖିବାକୁ ମିଳିବ I ବହୁତ ଦିନ ପରେ ଓଡ଼ିଆ ସିନେମାରେ ଏମିତି ଏକ ସିନେମାକୁ ଦର୍ଶକ ଗ୍ରହଣ କରିବେ ବୋଲି ଆଶା ରଖିଛୁ I ଏଥିରେ ମଧ୍ୟ ମୁଁ ଜଣେ ଭଉଣୀ ଚରିତ୍ରରେ କାମ କରିଛି I

**ଡ୍ରିମ୍ ରୋଲ୍ କ'ଣ?**

- ଚୁଲ୍‌ବୁଲି ଚରିତ୍ରଟିଏ କରିବାକୁ ଇଚ୍ଛା ଅଛି I ତା ସହ ସବୁ ପ୍ରକାରର ଚରିତ୍ରକୁ ଜୀବନ୍ତ କରିବା ମୋର ଡ୍ରିମ ରୋଲ୍ I ବାବୁସାନ୍ ଭାଇଙ୍କ ସହ କାମ କରିବାକୁ ବି ମୋର ଇଚ୍ଛାଅଛି I

**ଅଭିନୟ ଜଗତକୁ ନୂଆ କରି ଆସୁଥିବା ପିଲାଙ୍କୁ କ'ଣ କହିବେ?**

- ଏତିକି କହିବି ଏହି ଲାଇନକୁ ଆସିବା ପୂର୍ବରୁ ସମସ୍ତେ ଶିଖିକରି ଆସନ୍ତୁ I ବିନା ପ୍ରସ୍ତୁତିରେ ଆସି ଅଡିସନ୍‌ରେ ପ୍ରତ୍ୟାଖ୍ୟାନ ମିଳିଲା ପରେ ଆତ୍ମବିଶ୍ୱାସ ଭାଙ୍ଗିଯାଏ I ଆଗକୁ କାମ କରିବାକୁ ଆଉ ଧୈର୍ଯ୍ୟ ରହେନି I ଫଳରେ ଅବସାଦଗ୍ରସ୍ତ ହୋଇପାରନ୍ତି I ତେଣୁ ଆଗେ କାମ ଶିଖି କରି ଅଭିନୟ କରିବା ଆଶାରେ ଏହି ଇଣ୍ଡଷ୍ଟ୍ରିକୁ ଆସନ୍ତୁ I ■

# ରହସ୍ୟ, ତଦନ୍ତ ଓ ନିରବତାର କାହାଣୀ: 'ମେମ୍‌ଶାବ୍'




ଓଡ଼ିଆ ଚଳଚ୍ଚିତ୍ର 'ମେମଶାବ' ଏକ ସସ୍‌ପେନ୍ସ ତଦନ୍ତମୂଳକ ଥ୍ରିଲର ଭାବେ ଆସୁଛି I ଗୋଟିଏ ନିର୍ଜନ ଚା' ବଗିଚା ଘରକୁ କେନ୍ଦ୍ର କରି ଗଢ଼ାଯାଇଥିବା ଏହି କାହାଣୀରେ ନିରବତା ମଧ୍ୟ ଏକ ସଙ୍କେତ I ଯେଉଁଠାରେ ପ୍ରତ୍ୟେକ ଘଟଣା ଏକ ନୂଆ ପ୍ରଶ୍ନ ଉଠାଏ I ଚଳଚ୍ଚିତ୍ରଟି ଆସନ୍ତା ମେ ୦୮ ତାରିଖରେ ମୁକ୍ତିଲାଭ କରିବ I ସୋଫି ଭୂମିକାରେ ପ୍ରିୟା ଚୌଧୁରୀ ଏକ ନିରବ କିନ୍ତୁ ଗୁପ୍ତ ଜୀବନ ବିତାଉଥିବା ନାରୀର ଚିତ୍ରଣ କରିଛନ୍ତି I ସମ୍ଭବ ମାନସିଂହ (ନିଖିଲ), ଚିତ୍ତରଞ୍ଜନ ତ୍ରିପାଠୀ (ଅବିନାଶ) ଓ ଚୌଧୁରୀ ଜୟପ୍ରକାଶ ଦାସ (ନୃସିଂହ ଚରଣ ପତି) ଭଳି ଚରିତ୍ରମାନେ ଗଳ୍ପରେ ତଦନ୍ତର ଗତିକୁ ଆଗକୁ ନେଇଥାନ୍ତି I ବିଶେଷକରି ତଦନ୍ତକାରୀ ଭୂମିକାରେ ନୃସିଂହ ଚରଣ ପତିଙ୍କ ଉପସ୍ଥିତି କାହାଣୀକୁ ଅଧିକ ଗୁରୁତ୍ୱ ଓ ରୋମାଞ୍ଚ ଦେଇଥାଏ I ବିଶ୍ୱ ଭୂଷଣ ମହାପାତ୍ର ଓ କାଳୀ ପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରର କାହାଣୀ, ପଟକଥା ଓ ସଂଳାପ ଅମିତ କୁମାର ଦାଶ ରଚନା କରିଛନ୍ତି I ଛାୟାଚିତ୍ରଣ କରିଛନ୍ତି ବିଶ୍ୱ ଭୂଷଣ ମହାପାତ୍ର I ସମ୍ପାଦନାରେ ରଶ୍ମି ରଞ୍ଜନ ଦାଶ ଓ ବିଶ୍ୱ ରଞ୍ଜନ ସୁବୁଦ୍ଧି ଚଳଚ୍ଚିତ୍ରକୁ ଗତିଶୀଳ କରିଛନ୍ତି I ସଙ୍ଗୀତରେ ଅଭିଜିତ ତ୍ରିପାଠୀ ଓ ବନି ମହାନ୍ତିଙ୍କ ସୃଜନ ଚଳଚ୍ଚିତ୍ରର ରୋମାଞ୍ଚ ଓ ଭାବନାକୁ ଆହୁରି ଗଭୀର କରିବାର ଆଶା ରହିଛି I କାଳୀ ପ୍ରସାଦ ମିଶ୍ରଙ୍କ ପ୍ରଯୋଜନାରେ ଏବଂ ଅନିଲ ଯାଦବଙ୍କ ସହ-ପ୍ରଯୋଜନାରେ ତିଆରି ଏହି ଚଳଚ୍ଚିତ୍ରଟି ଧୁନ୍ ମ୍ୟୁଜିକାଲ, ସିନେମାସ୍କୋପ ସୋଲୁସନ୍ ଏବଂ ଓଏମ୍ ଗ୍ରାଫିକ୍ସ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ I ■

